Bhubaneswar, Friday, August 21, 2026
ଭୁବନେଶ୍ୱର,ଶୁକ୍ରବାର,ଅଗଷ୍ଟ ୨୧, ୨୦୨୬
Vol-01, Issue-113
ବର୍ଷ-୦୧, ସଂଖ୍ୟା -୧୧୩
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




# ପଞ୍ଚାୟତକୁ ବର୍ଷକୁ ଦେଢ଼ କୋଟିରୁ ୩କୋଟି ପର୍ଯ୍ୟନ୍ତ ମିଳିବ: ମନ୍ତ୍ରୀ

ଭୁବନେଶ୍ୱର,୨୦/୮: ଆସନ୍ତାବର୍ଷ ଏପ୍ରିଲ, ମେ' ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ତେଣୁ ଗ୍ରାମପଞ୍ଚାୟତଗୁଡ଼ିକୁ ସମୃଦ୍ଧ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ 'ଗ୍ରାମ ସମ୍ପଦ' ବା 'ବହୁମୁଖୀ ପଞ୍ଚାୟତ ସୁବିଧା ଏବଂ ଗ୍ରାମାଞ୍ଚଳ ବିକାଶ ପାଇଁ ସ୍ଥାୟୀ ସମ୍ପଦର ସବୁଜ, ସୁରକ୍ଷିତ ଏବଂ ସୁଗମ ମଡେଲ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ପଞ୍ଚାୟତସ୍ତରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ବିଜିବିଓ, ସିଏଫ୍‌ସି, ଏସ୍‌ଏଫ୍‌ସି, ସିଏସ୍‌ଆର୍, ଡିଏମ୍‌ଏଫ୍, ବିଧାୟକ ପାଣ୍ଠି, ଭିଭିଜି ରାମ୍‌ଜୀ ଆଦିକୁ ସମନ୍ୱିତ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ପଞ୍ଚାୟତର ଜନସଂଖ୍ୟାକୁ ଆଧାର କରି ଗ୍ରାମପଞ୍ଚାୟତଗୁଡ଼ିକୁ ବର୍ଷକୁ ଦେଢ଼ୁ ତିନି କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦିଆଯିବ। ଆସନ୍ତା ୫ବର୍ଷକୁ ନଜରରେ ରଖି ଏହା କାର୍ଯ୍ୟକ୍ଷମ ହେବ। ଲୋକ ସେମାନଙ୍କ ଗାଁରେ କ'ଣ କରିବାକୁ ଚାହୁଁଛନ୍ତି ତାହା ଗ୍ରାମ ସଭାରେ ଚୂଡ଼ାନ୍ତ କରି ପ୍ରସ୍ତାବ ଦେବେ। ଏଥିରେ ଗାଁରେ ଗାଁ ଗାଁରେ ମନୋରଞ୍ଜନ, କ୍ରୀଡ଼ା, ସାମାଜିକ କାର୍ଯ୍ୟ, ସାର୍ବଜନୀନ ସୁବିଧାକୁ ସୁଦୃଢ଼ କରାଯିବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗାଁରେ ଲୋକଙ୍କୁ ସହରାଞ୍ଚଳ ଭଳି ସବୁ ସୁବିଧା ଓ ଆନୁଷଙ୍ଗିକ ଭିତ୍ତିଭୂମି ହାତପାହନ୍ତାରେ ଉପଲବ୍ଧ କରାଇବା।

ଗ୍ରାମ ସମ୍ପଦରେ ମୁଖ୍ୟତଃ ପ୍ରତି ପଞ୍ଚାୟତରେ ଆଦର୍ଶ ଖେଳପଡିଆ ପାଇଁ ୬୫.୭୫ଲକ୍ଷ, ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ଲକ୍ଷ,



ଆଦର୍ଶ ପୋଖରୀ ପାଇଁ ୩୪ଲକ୍ଷ, ଆଦର୍ଶ ଶ୍ମଶାନ ପାଇଁ ୨୨ଲକ୍ଷ, ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ଲକ୍ଷ, ଆଦର୍ଶ ଗ୍ରାମୀଣ ହାଟ ପାଇଁ ୧୬.୫୦ଲକ୍ଷ, ଆଦର୍ଶ ପଞ୍ଚାୟତ ପାଠାଗାର ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

ଆଦର୍ଶ କଲ୍ୟାଣ ମଣ୍ଡପଗୁଡ଼ିକୁ ଏମିତି ନିର୍ମାଣ କରାଯିବ ଯେପରି ସେଠାରେ କେବଳ ବିବାହ ଓ ବ୍ରତଘର ନୁହେଁ, ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇପାରିବ। ଏଥିରେ ବଡ ହଲ୍ ସହ ପେଣ୍ଡାଲ ଓ ଦୁଇଟି ଗ୍ରିନ ରୁମ୍ ରହିବ। ନାଚ, ଗୀତ, ଡ୍ରାମା ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯାଇପାରିବ। ଭୋଜିଭାତ ପାଇଁ ମଧ୍ୟ ସୁବିଧା ରହିବ। ପଞ୍ଚାୟତ ପକ୍ଷରୁ ପାଇପ୍ ପାଣି ଯୋଗାଇ ଦିଆଯିବ। ଆଗାମୀ ଦିନର ପ୍ରତିବର୍ଷ ଗୋଟିଏ ପଞ୍ଚାୟତରେ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଯୋଜନା ହୋଇଛି।

ସେହିପରି ଆଦର୍ଶ ପୋଖରୀର ଚାରିପଟେ ପଥର ବନ୍ଧଇ ସହ ପେଭର ବ୍ଲକ୍ ଖଞ୍ଜି ଚଲା ପଥ ନିର୍ମାଣ କରାଯିବ। ଏହା ସହ ମୁକ୍ତାକାଶ ବ୍ୟାୟାମଶାଳା ହେବ। ଆଦର୍ଶ ଶ୍ମଶାନରେ ଶବଦାହ ଗୃହ, ଗାଧୋଇବା ବ୍ୟବସ୍ଥା, ପୋଷାକ ବଦଳାଇବା ଗୃହ ଆଦି ରହିବ। ଶ୍ମଶାନ ଯେପରି ଜବରଦଖଲ ହେବନି ସେଥିପାଇଁ ତାହା ଚାରିକଡ ପାଚେରି ନିର୍ମାଣ କରାଯିବ। ଆଦର୍ଶ ଗ୍ରାମୀଣ ପାର୍କରେ ବିଭିନ୍ନ ପ୍ରକାରର ଗଛ ସହ ଆଲୋକୀକରଣ ବ୍ୟବସ୍ଥା ହେବ। ଜିମ୍ ରହିବ, ଲୋକଙ୍କ ବସିବା ପାଇଁ ପିଣ୍ଡି ନିର୍ମାଣ ହେବ।

ଆଦର୍ଶ ଗ୍ରାମୀଣ ହାଟରେ ପାନୀୟ ଜଳର ବ୍ୟବସ୍ଥା ସହ ପ୍ରବେଶ ପାଇଁ ସୁନ୍ଦର ଗେଟ୍ ଓ ଆବଶ୍ୟକ ଭିତ୍ତିଭୂମି ବିକଶିତ କରାଯିବ। ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗ୍ରାମ ପଞ୍ଚାୟତରେ ୭୦୦ଟି ଗଛ ଲଗାଯିବ। ଏହାସହ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ପାଠକଙ୍କ ପାଇଁ ଆଦର୍ଶ ପାଠାଗାର ନିର୍ମାଣ କରାଯିବ। ଏଠାରେ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ବହି ଉପଲବ୍ଧ ହେବ। ଏହି ସବୁ ଭିତ୍ତିଭୂମିର ଯେପରି ଉପଯୁକ୍ତ ରକ୍ଷଣାବେକ୍ଷଣ ହେବ, ମରାମତି ହେବ, ଅଧିକରୁ ଅଧିକ ଲୋକ ବ୍ୟବହାର କରିବେ ସେନେଇ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

# ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ପରଲୋକ

ନୂଆଦିଲ୍ଲୀ: ୧୯୮୪ ଶିଖ ଦଙ୍ଗାରେ ଲୋକଙ୍କୁ ହତ୍ୟା କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କର ଗୁରୁବାର ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କର ବୟସ ୮୦ ବର୍ଷ ଥିଲା। ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ତୁରନ୍ତ ସଫଦରଜଙ୍ଗ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



୧୯୮୪ ମସିହା ଅକ୍ଟୋବର ୩୧ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀ ସତଓ୍ୱନ୍ତ ସିଂହ ଏବଂ ବିୟନ୍ତ ସିଂହଙ୍କ ଦ୍ୱାରା ହତ୍ୟା କରାଯିବା ପରେ ଦଙ୍ଗା ଆରମ୍ଭ ହୋଇଥିଲା। ସଶସ୍ତ୍ର ଲୋକଙ୍କ ଏକ ଦଳ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଶିଖମାନଙ୍କୁ ଟାର୍ଗେଟ କରିଥିଲେ ଏବଂ ସେମାନଙ୍କ ଘର ଏବଂ ଦୋକାନ ଉପରେ ଆକ୍ରମଣ କରିଥିଲେ। ସାରା ଭାରତରେ ୩,୦୦୦ ରୁ ଅଧିକ ଶିଖଙ୍କୁ ହତ୍ୟା କରାଯାଇଥିଲା। ରାଜଧାନୀରେ ଏହି ସଂଖ୍ୟା ଅଧିକ ଥିଲା। ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ୧୯୮୪ ମସିହା ନଭେମ୍ବର ୧ ଏବଂ ୨ ତାରିଖରେ ପାଲମ କଲୋନି ଅଞ୍ଚଳରେ ଘଟିଥିବା ଦଙ୍ଗା ଘଟଣାରେ ପାଞ୍ଚ ଜଣଙ୍କ ମୃତ୍ୟୁ ପାଇଁ ଦିଲ୍ଲୀ ହାଇକୋର୍ଟ କଂଗ୍ରେସ ନେତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୧୭ ଡିସେମ୍ବର ୨୦୧୮ ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

# ରାଜଧାନୀର ରାଜରାସ୍ତାରେ ଖୋଲା ଆକାଶତଳେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ , ଚିନ୍ତାମୁକ୍ତ ସରକାର



ଭୁବନେଶ୍ୱର,୨୦/୮ : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଆଜି ପଞ୍ଚମ ଦିବସରେ ପହଞ୍ଚିଛି । ରାଜଧାନୀର ରାଜରାସ୍ତା ଆଜି ଗଣତନ୍ତ୍ରର ଏକ ଅନନ୍ୟ ଓ ମର୍ମସ୍ପର୍ଶୀ ପରୀକ୍ଷା ଦେଇ ଗତି କରୁଛି । ପାଗର ପ୍ରତିକୂଳତା, ମଶା ଡାଆଁସର ପାଦୁର୍ଭାବ, ଓଦା ଯୁଡୁବୁଡୁ ପୋଷାକ ଓ ବିଛଣା ସତ୍ତ୍ୱେ ଏବେବି ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ଅହୋରାତ୍ର ଧାରଣାରେ ବସିଛନ୍ତି । ପେଟର ଭୋକ ଓ ଆଖିର ଲୁହ ଆଜି ବନ୍ଧାପଡ଼ିଛି ଗଣତାନ୍ତ୍ରିକ ମୂଲ୍ୟବୋଧ, ସରକାରୀ ଦଳ ଓ କଳର ଦାୟିତ୍ୱହୀନତା ଆଗରେ ଅଥଚ ସରକାର ଚିନ୍ତାଶୂନ୍ୟ ହୋଇ ବସିଛନ୍ତି । ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ କହିଛନ୍ତି ୫ ଦିନ ଧରି ଅହୋରାତ୍ର ଧାରଣା ଚାଲୁ ରହିଥିଲେ ସୁଦ୍ଧା ସମସ୍ୟା ସମାଧାନ ଦିଗରେ ସରକାର ବିଳମ୍ବ କରି ଚାଲିଛନ୍ତି ।

ସୂଚନାଥାଉକି, ରାଜଧାନୀର ଖୋଲା ଆକାଶ ତଳେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଦାବି ହାସଲ ପାଇଁ ଅହୋରାତ୍ର ଧାରଣାରେ ବସିରହି ଗଣତାନ୍ତ୍ରିକ ପଦ୍ଧତିରେ ନିଜର ନ୍ୟାୟ ମାଗୁଛନ୍ତି । ସେମାନଙ୍କ ଦାବି ଅତ୍ୟନ୍ତ ସମ୍ବେଦନଶୀଳ ଓ ଯଥାର୍ଥ ହୋଇଥିଲେ ମଧ୍ୟ ସରକାର ସମସ୍ୟା ସମାଧାନ କରିବା ନାଆଁ ଧରୁନାହାନ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଶିକ୍ଷକ ନେତୃତ୍ୱମାନେ ବାରମ୍ବାର ସରକାରଙ୍କ ସହିତ ଆଲୋଚନା କରିଛନ୍ତି ଓ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ପ୍ରତିଦାନରେ କେବଳ ପ୍ରତିଶ୍ରୁତି ପାଇଛନ୍ତି କିନ୍ତୁ ସମସ୍ୟା ଗୁଡ଼ିକର ସମାଧାନ ସୂତ୍ର ଅଦ୍ୟାବଧି ବାହାରି ପାରି ନାହିଁ । ଦୀର୍ଘ ୨୫ରୁ ୩୦ ବର୍ଷ ବିନା ପାରିଶ୍ରମିକରେ କାର୍ଯ୍ୟରତ ଅନୁଦାନ ଯୋଗ୍ୟ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନେ ଶୂନ୍ୟ ହସ୍ତରେ ଅବସର ନେବା ଓ ମୃତ୍ୟୁବରଣ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୭୦୦୦ ରୁ ଊର୍ଦ୍ଧ୍ୱ ଶିକ୍ଷକ କର୍ମଚାରୀ ଇତିମଧ୍ୟରେ ଅବସର ନେଇଗଲେଣି । ଅବସର ନେବା ପରେ ନିଜେ ବଞ୍ଚିବା ଓ ପରିବାର ପ୍ରତିପୋଷଣ ପାଇଁ ରାହା ନପାଇ ଲୁଚି ଲୁଚି ଅନେକ ମୂଲଲାଗି ଜୀବିକା ନିର୍ବାହ କରୁଛନ୍ତି ଓ କେତେକ ଶାରୀରିକ ଅସୁସ୍ଥତା କାରଣରୁ ମୃତ୍ୟୁ ସହିତ ଲଢୁଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ଅନୁଦାନ, ପେନସନ୍ ଓ ସମାନ କାମକୁ ସମାନ ଦରମା ମିଳୁ ନାହିଁ । ତେଣୁ ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବୀଗୁଡ଼ିକ ମଧ୍ୟରେ ସାମ୍ବିଧାନିକ ଢାଞ୍ଚାନୁସାରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଓ ସମ୍ମାନଜନକ ଆଇନ ସମ୍ମତ ଜୀବନ ଜୀଇଁବାର ଅଧିକାର ଆଧାରରେ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜରୁ ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନଙ୍କ ପାଇଁ ବ୍ୟବସ୍ଥାନୁସାରେ (ପୃଷ୍ଠା-୨)

# ଅଗଷ୍ଟ ୨୨ରେ କଳିଙ୍ଗ ଷ୍ଟାଡିୟମ୍‌ରେ ବସିବ କ୍ରୀଡାର ମହାକୁମ୍ଭ

ଭୁବନେଶ୍ୱର,୨୦/୮ : ବିଶ୍ୱ କ୍ରୀଡା ମାନଚିତ୍ରରେ ଓଡିଶା ଆଉ ଏକ ବଡ ସଫଳତା ହାସଲ କରିବାକୁ ଯାଉଛି। ଆସନ୍ତା ଅଗଷ୍ଟ ୨୨, ୨୦୨୬ରେ ଭୁବନେଶ୍ୱରର ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରତିଷ୍ଠିତ 'ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲ୍‌ଭର୍ ମିଟ୍' ଅନୁଷ୍ଠିତ ହେବ। ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ, ଆଥ୍‌ଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏବଂ ବିଶ୍ୱ ଆଥ୍‌ଲେଟିକ୍ସର ମିଳିତ ସହଯୋଗରେ ଏହି ଏକଦିବସୀୟ ପ୍ରତିଯୋଗିତା ପରିଚାଳିତ ହେଉଛି। ଗତବର୍ଷର ସଫଳ ବ୍ରୋଞ୍ଜ-ସ୍ତରୀୟ ପ୍ରତିଯୋଗିତାଠାରୁ ଏହାକୁ ସିଲ୍‌ଭର୍-ସ୍ତରକୁ ଉନ୍ନତ କରାଯାଇଛି। ଏହାଛଡା, ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁଥିବା ବିଶ୍ୱ ଆଥ୍‌ଲେଟିକ୍ସ ଇଣ୍ଡୋର୍ ଚାମ୍ପିଅନ୍‌ସିପ୍ ଏବଂ ଏସୀୟ ଇଣ୍ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ ପାଇଁ ଏହା ଏକ ବଡ ପ୍ରସ୍ତୁତି ପଦକ୍ଷେପ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାରତକୁ ବିଶ୍ୱ କ୍ରୀଡା ହବ୍ କରିବାର ସ୍ୱପ୍ନକୁ ସାକାର କରୁଛି। ଏହି ପ୍ରତିଯୋଗିତାରେ ୨୭ଟି ଦେଶରୁ ମୋଟ ୧୮୭ ଜଣ ପ୍ରତିଷ୍ଠିତ ଆଥ୍‌ଲେଟ୍ ଅଂଶଗ୍ରହଣ କରୁଛନ୍ତି, ଯେଉଁଥିରେ ୧୨ଟି ଏସୀୟ ଦେଶର ୧୪୩ ଜଣ ଶ୍ରେଷ୍ଠ ଖେଳାଳି ସାମିଲ ଅଛନ୍ତି। ସ୍ଥାନୀୟ ଦର୍ଶକମାନେ ଘରୋଇ ମାଟିରେ ୮୮ ଜଣ ଭାରତୀୟ ଏବଂ ୯୯ ଜଣ ଆନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ କଡା ମୁକାବିଲା ଦେଖିବାକୁ ପାଇବେ। ମୁଖ୍ୟ ଆନ୍ତର୍ଜାତୀୟ ଦଳଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କାରୁ ୨୪, ଦକ୍ଷିଣ ଆଫ୍ରିକାରୁ ୧୭ ଏବଂ ବ୍ରାଜିଲରୁ ୧୧ ଜଣ ଆଥ୍‌ଲେଟ୍ ଯୋଗ ଦେଉଛନ୍ତି। ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ମୋଟ ୧୮ଟି ଇଭେଣ୍ଟ ରହିଛି। ପୁରୁଷ ବିଭାଗରେ ୧୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୧୧୦ ମିଟର ହର୍ଡଲ୍ସ, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟ୍ ପୁଟ୍ ଏବଂ ଜାଭେଲିନ୍ ଥ୍ରୋ ରହିଥିବାବେଳେ; ମହିଳା ବିଭାଗରେ ୧୦୦ ମିଟର, ୪୦୦ ମିଟର, ୧୫୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ହାଇ ଜମ୍ପ, ଲଙ୍ଗ ଜମ୍ପ, ଜାଭେଲିନ୍ ଥ୍ରୋ ଏବଂ ଡିସକସ୍ ଥ୍ରୋ ଅନୁଷ୍ଠିତ ହେବ। ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ବିଶ୍ୱ ମାନ୍ୟତା ପଏଣ୍ଟ ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ, ଯେଉଁଥିରେ ପ୍ରଥମ ସ୍ଥାନ ପାଇଁ ୧,୬୦୦ ଡଲାର, ଦ୍ୱିତୀୟ ପାଇଁ ୧,୨୦୦ ଡଲାର ଏବଂ ତୃତୀୟ ପାଇଁ ୯୦୦ ଡଲାର ପୁରସ୍କାର ରହିଛି।

## ନଗର ଉନ୍ନୟନ ଓ ଗମନାଗମନ ବ୍ୟବସ୍ଥାର ଉଚ୍ଚସ୍ତରୀୟ ସମୀକ୍ଷା

# ପ୍ରକଳ୍ପ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ଓ ଅର୍ଥର ସମୟୋଚିତ ବିନିଯୋଗ ପାଇଁ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦/୮ :ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ନଗର ଉନ୍ନୟନ ଓ ସହରାଞ୍ଚଳରେ ଗମନାଗମନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସହରାଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବରାଦ ଅର୍ଥର ସମୟୋଚିତ ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଡିଏମ୍ ?ଏ ଶ୍ରୀ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ସ୍ୱତନ୍ତ୍ର ସଚିବ , ଅତିରିକ୍ତ ସଚିବ , କୁଟ୍ ?ର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

ମାନ୍ୟବର ମନ୍ତ୍ରୀ ଡ. ମହାପାତ୍ର ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରିବା ସହ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ବାଧାବିଘ୍ନ ଦୂର କରିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବରାଦ ଅର୍ଥର ବିନିଯୋଗ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମନ୍ୱିତ ପଦକ୍ଷେପ, ନିୟମିତ ତଦାରଖ ଓ ଫଳାଫଳଭିତ୍ତିକ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନଗର ଉନ୍ନୟନମୂଳକ ପଦକ୍ଷେପଗୁଡ଼ିକର ସୁଫଳ ଯେପରି ନାଗରିକମାନଙ୍କ ନିକଟରେ ଶୀଘ୍ର ପହଞ୍ଚିପାରିବ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଥିଲେ ।



ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ବିଭିନ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାର ସୁଲଭ ଆବାସ ସୁବିଧା ବିସ୍ତାର ଉପରେ ଗୁରୁତ୍ୱ ଦେଉଛନ୍ତି । ଆର୍ଥିକ ଦୁର୍ବଳ ବର୍ଗ , ନିମ୍ନ ଆୟ ବର୍ଗ ଏବଂ ମଧ୍ୟମ ଆୟ ବର୍ଗ ପାଇଁ ନୂତନ ଆବାସ ମଡେଲ ବିକଶିତ କରିବା ସହ ସହରାଞ୍ଚଳବାସୀଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡ଼ା ଆବାସ ବ୍ୟବସ୍ଥାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ମହାରାଷ୍ଟ୍ରର ସମ୍ପ୍ରତିକ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ପ୍ରିକାଷ୍ଟ ନିର୍ମାଣ ପ୍ରଯୁକ୍ତି ଏବଂ "ମିଶନ୍ ୧୦୦" ଭଳି ପଦକ୍ଷେପ, ଯେଉଁଥିରେ ୧୦୦ ଦିନରେ ୧୦୦ଟି ଘର ନିର୍ମାଣ କରାଯାଉଛି, ତାହା ଅଧ୍ୟୟନ କରାଯାଇଛି । ଓଡ଼ିଶାରେ ଏଭଳି ପ୍ରଯୁକ୍ତି ଉପଯୋଗ କରାଯିବାର ସମ୍ଭାବନା ଅନୁଧ୍ୟାନ କରିବା ପାଇଁ ଏକ ବୈଷୟିକ ଦଳ ପଠାଯିବ । ନିର୍ଦ୍ଧାରିତ ବୈଷୟିକ ଓ ନିର୍ମାଣ ମାନଦଣ୍ଡ ବଜାୟ ରଖି ଗୁଣାତ୍ମକ ଓ ସୁଲଭ ଆବାସ ନିର୍ମାଣକୁ ତ୍ୱରାନ୍ୱିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ।

ମନ୍ତ୍ରୀ ଆହୁରି କହିଥିଲେ ଯେ ବୃହତ୍ତର ସହରାଞ୍ଚଳକୁ ଯୋଜନାବଦ୍ଧ ଓ ବ୍ୟବସ୍ଥିତ ଭାବେ ଅନ୍ତର୍ଭୁକ୍ତ କରି ଟାଉନ୍ ପ୍ଲାନିଂ ସ୍କିମ୍ ?ର ପରିସର ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସୁଦୃଢ଼ ସହରାଞ୍ଚଳ ବିକାଶ ଯୋଜନା ବ୍ୟବସ୍ଥା ଏବଂ ବିସ୍ତାରିତ ସହରଗୁଡ଼ିକର ଶୃଙ୍ଖଳିତ ବିକାଶ ସୁନିଶ୍ଚିତ କରିବା ସରକାରଙ୍କ ଏକ ପ୍ରମୁଖ ପ୍ରାଥମିକତା ହେବ ।

ସହରାଞ୍ଚଳ ଗମନାଗମନ ସମ୍ପର୍କରେ ମନ୍ତ୍ରୀ ଡଃ ମହାପାତ୍ର ରାଜ୍ୟର ବିଭିନ୍ନ ସହରରେ "ଓଡ଼ିଶା ଯାତ୍ରୀ" 'ଆପ' ବ୍ୟାପକ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଓ ନିର୍ଭରଯୋଗ୍ୟ ଗମନାଗମନ ସୁବିଧା ଯୋଗାଇବା ସହ ପ୍ଲାଟଫର୍ମ ସହ ଜଡ଼ିତ ଚାଳକମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ଓ ପ୍ରତ୍ୟକ୍ଷ ଲାଭ ସୁନିଶ୍ଚିତ କରାଯିବ ।

ବୈଠକରେ ମୌସୁମୀ ବର୍ଷା ଯୋଗୁଁ ସହରାଞ୍ଚଳ ରାସ୍ତାଘାଟ ଓ ଡ୍ରେନେଜ୍ ଭିତ୍ତିଭୂମିରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କିତ ବିଷୟଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା । ପ୍ରବଳ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ସମୟୋଚିତ ଭାବେ ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଭାରୀ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ହ୍ରାସ କରିବା ଏବଂ ସହରାଞ୍ଚଳର ସହନଶୀଳତା ବୃଦ୍ଧି ପାଇଁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଷ୍ଟର୍ମ ୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନକୁ ମଧ୍ୟ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ ।

ମନ୍ତ୍ରୀ ଜିଲ୍ଲାସ୍ତରର ବିକାଶ ପ୍ରାଧିକରଣଗୁଡ଼ିକର ପ୍ରତିଷ୍ଠାନଗତ ସୁଦୃଢ଼ୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ପ୍ରଭାବଶାଳୀ ଟାଉନ୍ ପ୍ଲାନିଂ, ଯୋଜନାବଦ୍ଧ ସହର ବିସ୍ତାର ଏବଂ ସମନ୍ୱିତ ନଗର ଉନ୍ନୟନ ପାଇଁ ଏହି ସଂସ୍ଥାଗୁଡ଼ିକୁ ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ପ୍ରଦାନ କରି ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ମନ୍ତ୍ରୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଘନିଷ୍ଠ ସମନ୍ୱୟ ବଜାୟ ରଖିବା, କ୍ଷେତ୍ର ସ୍ତରୀୟ ତଦାରଖକୁ ସୁଦୃଢ଼ କରିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଦୋହରାଇଥିଲେ ଯେ ସରକାରଙ୍କ ସହରାଞ୍ଚଳ ବିକାଶ ପ୍ରୟାସଗୁଡ଼ିକ ସହରାଞ୍ଚଳ ଜୀବନର ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ସୁଚିନ୍ତିତ, ନମନୀୟ ଏବଂ ନାଗରିକ କୈନ୍ଦ୍ରିକ ସହର ସୃଷ୍ଟି ଉପରେ ଧ୍ୟାନ ଦେବା ଆବଶ୍ୟକ ।

ସମ୍ପାଦକୀୟ

## ତୃଣମୂଳ ଗଣତନ୍ତ୍ର ଅବକ୍ଷୟମୁଖୀ

ପଞ୍ଚାୟତରାଜ ମନ୍ତ୍ରଣାଳୟର ସର୍ଭେକୁ ଆଧାର କରି ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଏକ ବିରଳ ତଥ୍ୟ ସମର୍ଥୀତ ସୁଯୋଗ ମଧ୍ୟରେ ଭାରତରେ ତୃଣମୂଳ ଗଣତନ୍ତ୍ର ଅବକ୍ଷୟମୁଖୀ ହେଉଥିବା କୁହାଯାଇଛି। ଗ୍ରାମ ପଂଚାୟତ ବିଭିନ୍ନ ସମସ୍ୟାର ସମାଧାନ ଗ୍ରାମସଭା ଜରିଆରେ କରିବା ପାଇଁ ବ୍ୟବସ୍ଥା ଥିବାବେଳେ ଏଥିରେ ଅଂଶଗ୍ରହଣ କରିବା ପାଇଁ ଜନସାଧାରଣଙ୍କ ବିମୁଖତା ଏବଂ ଆଗ୍ରହୀଣ ହେବା ଚିନ୍ତାଜନକ ବୋଲି ରିପୋର୍ଟ କହିଛି। ଉଲ୍ଲେଖଯୋଗ୍ୟ ଯେ, ୭୩ତମ ସମ୍ବିଧାନ ସଂଶୋଧନରେ ଗ୍ରାମସଭାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଜନସାଧାରଣ ଆଗ୍ରହୀ ନହେବା ଏବଂ ସରକାର ଏହାକୁ କେବଳ ଏକ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବିଭିନ୍ନ ଯୋଜନା ବା ସ୍କିମ୍‌ର କ୍ଲିଅରିଂ ହାଉସରେ ପରିଣତ କରିଦେଇଛନ୍ତି। ଗ୍ରାମ ସଭାର କୌଣସି ସୁଫଳ ମିଳୁନଥିବାରୁ ୨୮ ପ୍ରତିଶତରୁ ୧୮ ପ୍ରତିଶତ ଏଥିପ୍ରତି ଜନସାଧାରଣଙ୍କ ଆଗ୍ରହ ହ୍ରାସ ପାଉଥିବା ଦର୍ଶାଇଛନ୍ତି। ରିପୋର୍ଟରେ 'ନିର୍ଣ୍ଣୟ' ଆପର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିବାବେଳେ ଗ୍ରାମସଭାର ବିବିରଣୀ ଏବଂ ଏବଂ ସମୟ ସମ୍ପର୍କରେ ଟିକିନିଖି ଅପଲୋଡ୍ କରିବାକୁ ନିୟମ ରହିଛି। ମାତ୍ର ବାସ୍ତବ କ୍ଷେତ୍ରରେ ପଂଚାୟତ ଦାୟିତ୍ୱରେ ଥିବା ସମ୍ପାଦକମାନଙ୍କୁ ଆଲୋଚନା ପାଇଁ ଯଥେଷ୍ଟ ସମୟ ଦିଆଯାଉନାହିଁ। ଆହୁରି ମଧ୍ୟ ସିଷ୍ଟମ ଏରର ଥିବା ଦର୍ଶାଇ ଏହାକୁ ଆପରେ ଅପଲୋଡ କରାଯାଉନାହିଁ। ଅନ୍ୟପକ୍ଷରେ ଗ୍ରାମସଭାଗୁଡିକ ଏବେ ଅବସର ପ୍ରାପ୍ତ ତଥା ବରିଷ୍ଠ ଧନୀକ ଗୋଷ୍ଠୀର କ୍ରୀଡା ଭୂମିରେ ପରିଣତ ହୋଇଛି। ଅନେକ କ୍ଷେତ୍ରରେ ସଂଖ୍ୟାଧିକ ଶ୍ରମିକ ବର୍ଗ ଏବଂ ନିରିହ ଲୋକଙ୍କ ଅଭିଯୋଗ ପ୍ରତି ଧନୀକ ବର୍ଗ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ। ସଂଖ୍ୟାଧିକ ମତ ସତ୍ତ୍ୱେ ପ୍ରଭାବଶାଳୀ ବର୍ଗଙ୍କ କଥା କଥା ଅନୁମୋଦିତ ହୋଇଥାଏ, ସେହିପରି ନିୟମିତ ବ୍ୟବଧାନରେ ଗ୍ରାମସଭା କରାଇବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଥିବା ସତ୍ତ୍ୱେ ପାଂଚ ବର୍ଷିଆ କାର୍ଯ୍ୟକାଳ ମଧ୍ୟରେ ଦୁଇ କିମ୍ବା ତିନି ଥର ଗ୍ରାମସଭା ଅନୁଷ୍ଠିତ ହେଉଥିବା ରିପୋର୍ଟରେ କୁହାଯାଇଛି। କେବଳ ଏତିକି ନୁହେଁ, ପଂଚାୟତ ରାଜ ସଂସ୍ଥାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ କରାଯିବା ପରେ ସେମାନଙ୍କ ସ୍ଥାନରେ ସେମାନଙ୍କ ସ୍ୱାମୀ କିମ୍ବା ସମ୍ପର୍କୀୟମାନେ କାର୍ଯ୍ୟ କରୁଥିବା ଦେଖାଯାଏ। ଯେଉଁ ପଂଚାୟତରେ ମହିଳା ସରପଂଚ ଅଛନ୍ତି, ସେଠାରେ ତାଙ୍କର ସ୍ୱାମୀ କିମ୍ବା ନିକଟ ସମ୍ପର୍କୀୟ ସମସ୍ତ କାର୍ଯ୍ୟ ନିର୍ବାହ କରିଥାନ୍ତି। ମହିଳା ସରପଂଚ କେବଳ ସ୍ୱାକ୍ଷର କରିଥାନ୍ତି। ଏହି ଘଟଣା ଦେଶର ବିଭିନ୍ନ ରାଜ୍ୟରେ ଦେଖିବାକୁ ମଳିଥାଏ। ଏପରିକି ମହିଳା ସରପଂଚଙ୍କ ସ୍ୱାମୀ ବା ସମ୍ପର୍କୀୟଙ୍କୁ ପଂଚାୟତ କାର୍ଯ୍ୟାଳୟରେ ସବୁବେଳେ ଦେଖିବାକୁ ମିଳିଥାଏ। କିନ୍ତୁ ସରପଂଚଙ୍କୁ ଦେଖିବାକୁ ମିଳେ ନାହିଁ। ସେହିପରି ମହିଳା ୱାର୍ଡ ସଭ୍ୟାମାନଙ୍କୁ କେବଳ ପଂଚାୟତ ବୈଠକରେ ଦେଖିବାକୁ ମଳିଥାଏ। କିନ୍ତୁ ସେମାନେ ଆଲୋଚନାରେ ନୀରବ ରହି କେବଳ ସ୍ୱାକ୍ଷର କରିଥାନ୍ତି। ଏବେ କେତେକ ରାଜ୍ୟ ସରକାର ପଂଚାୟତର ସରପଂଚଙ୍କ ତୁଳନାରେ ଅଫିସରମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରିଛନ୍ତି। ଏହାର ପରିଣତି ସ୍ୱରୁପ ତୃଣମୂଳ ସ୍ତରରେ ଗଣତନ୍ତ୍ର ନିମ୍ନଗାମୀ ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ଆହୁରି ମଧ୍ୟ ପଂଚାୟତର ଆର୍ଥୀକ ସରକାର ଓ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର କରିଥାନ୍ତି। ପଂଚାୟତଗୁଡିକର ବିଭିନ୍ନ ଟିକସ ଓ ରାଜସ୍ୱ ସଂଗ୍ରହ କ୍ଷେତ୍ର କ୍ରମଶଃ ସଂକୁଚିତ ହେବାରେ ଲାଗିଛି। ଅତୀତରେ ସାଇକେଲ, ରିକ୍ସା ଓ ଶଗଡ ଆଦିରୁ ପଂଚାୟତ ଲାଇସେନ୍ସ ଦେଇ ରାଜସ୍ୱ ଆଦାୟ କରୁଥିବାବେଳେ ଏବେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରିପୋର୍ଟ ଆହୁରି ଦର୍ଶାଇଛି ଯେ, ପଂଚାୟତ (ସମ୍ପ୍ରସାରଣ ସେଡୁଲଡ ଏରିଆ) (ପିଇଏସଏ) ଆଇନ ୧୯୬୬ ପଂଚାୟତଗୁଡିକ ପାଇଁ ଏକ ଦୃଢ ଭୌତିକ ମୂଳ ଢାଂଚା ରହିଛି। ଯାହାକି ଜଙ୍ଗଲ, ନଦୀ, ଘାଟ ଅଧିକାର ସମ୍ପର୍କିତ। ଭୂମି ଅଧିକାର ଓ ଖଣି ସମ୍ପର୍କରେ ଗ୍ରାମସଭାକୁ ଅଣଦେଖା କରି କିମ୍ବା ସ୍ୱଳ୍ପ ଲୋକଙ୍କ ଅଂଶଗ୍ରହଣ ଦର୍ଶାଇ ଅନୁମୋଦନ କରି ନିଆଯାଉଛି। ସେହିପରି ଗ୍ରାମସଭାରେ ସ୍ଥାନୀୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ୧୩ପ୍ରତିଶତ ନିର୍ଦ୍ଧାରିତ ହୋଇଥିବାବେଳେ ୪ପ୍ରତିଶତ ସମୟ ଆଲୋଚନା ହେଉଛି, ତାହା କେବଳ ରାଜସ୍ୱ ସଂଗ୍ରହ ପାଇଁ। ଏହା ନିସନ୍ଦେହରେ ତୃଣମୂଳ ସ୍ତରରେ ଗଣତନ୍ତ୍ର ଏବେ ଅବକ୍ଷୟମୁଖୀ।

# ଆଜି ମୃତ୍ୟୁ ସମସ୍ତଙ୍କ ସାମ୍ନାରେ, ସଂଗ୍ରାମ ବ୍ୟତୀତ ଅନ୍ୟପନ୍ଥା କିଛି ନାହିଁ : ଭକ୍ତ



ଭୁବନେଶ୍ୱର,୨୦/୮ :ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଠାରେ ଆୟୋଜିତ ହୋଇଥିଲା ।

ଏହି ସ୍ମୃତି ସଭାରେ ଉଦବୋଧନ ଦେଇ ଓପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ହଜାର ହଜାର ବର୍ଷଧରି ବସବାସ କରୁଥିବା ଆଦିବାସୀଙ୍କୁ ବାସଚ୍ୟୁତ କରିବାକୁ ଚାହୁଁଛି ବିଜେପି ସରକାର । ଏହା ଆମେ କେବେ ସମ୍ଭବ ହେବାକୁ ଦେବୁନାହିଁ କ୍ଷ ଓଡ଼ିଶାର ଜଳ ଜମି ଜଙ୍ଗଲ, ଖଣିଜ ଦ୍ରବ୍ୟ ସବୁ ରାଜ୍ୟବାସୀଙ୍କର କ୍ଷ ଆଜି ହତାଶ ନିରାଶ ବେକାରୀ ଯୁବକଙ୍କୁ ଆହ୍ୱାନ ନିଜ ଅଧିକାରର ଲଢେଇ ପାଇଁ କ୍ଷେତ୍ରକୁ ଆସନ୍ତୁ କ୍ଷ 'ସଂଗ୍ରାମ ଦିଏ ଡାକ, ତୁହି ଯୁବକ ଉଠରେ ଯୁବକ ଉଠ, ଶୁଣ ତୁମେ ଚିତ୍କାର, କେଉଁଝର ମା ମାଟିର, ଓଡିଶା ମାଆ ମାଟିର, କୋଳେ ଶୋଇଥିବା ଶିଶୁର ଡାକ' ଯୁବ କଂଗ୍ରେସର ସମସ୍ତ ସାଥୀଙ୍କୁ ଆହ୍ୱାନ ରଣକ୍ଷେତ୍ରରେ ଲଢ଼ । ସଂଗ୍ରାମରେ ଅବତୀର୍ଣ ହୁଅ କ୍ଷ ସଂଗ୍ରାମକୁ ଯଦି ମନେ ପକାଉଛ, ସଂଗ୍ରାମ ପଥର ଯାତ୍ରୀ ହୁଅ କ୍ଷ ମୃତ୍ୟୁ ସମସ୍ତଙ୍କ ସାମ୍ନାରେ ଠିଆ ହୋଇଛି । ସଂଗ୍ରାମ ବ୍ୟତୀତ ଅନ୍ୟ ପନ୍ଥା କିଛି ନାହିଁ । ଏହି ସଂଗ୍ରାମ ଏମ ଏମ ଡିଆର ଆଇନ ଆଣି ଆଦିବାସୀଙ୍କ ଅଧିକାର ହତ୍ୟା କରିଛନ୍ତି କ୍ଷ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ଆଦିବାସୀଙ୍କ ପ୍ରତି ଏ କି ବ୍ୟବହାର ?

ମୁଁ ଚାହୁଁଛି କେନ୍ଦୁଝର ମାଟିରେ ଏକ ବିରାଟ ବୀପ୍ଲବ ।କେନ୍ଦୁଝର ଜିଲ୍ଲାର ସମସ୍ତ ଖଣି ବନ୍ଦ କରିବା ପାଇଁ କ୍ଷ ସାରା ଓଡ଼ିଶାର ଖଣି ଖାଦାନ ବନ୍ଦ କରାଯିବ କ୍ଷ ଓଡିଶା ଆଦିବାସୀଙ୍କୁ ଭୁମୀ ଓ ଅଧିକାର ଫେରେଇଦିଅ ନ ହେଲେ ସମସ୍ତ ଖଣି ବନ୍ଦ ହେବ ।

ରାଜନୀତିକୁ, କଂଗ୍ରେସକୁ ଏବଂ ଆମର ସ୍ୱାଭିମାନକୁ ଯଦି ବଞ୍ଚାଇବାର ଅଛି ତେବେ ଆମ ନେତା ରାହୁଲ ଗାନ୍ଧୀଙ୍କ ଭଳି ସାହସୀ ଓ ନିର୍ଭୀକ ହୋଇ ପ୍ରଧାନମନ୍ତ୍ରୀଙ୍କ ଘର ସାମ୍ନାରେ ଧାରଣା ଦେଇଥିଲେ, ଏଭଳି କରିବାକୁ ପଡ଼ିବ ।

ରାହୁଲ ଗାନ୍ଧୀ ପୋଲିସ ମାଡ଼ରେ ନାକରୁ ରକ୍ତ ଝରାଉଥିବାବେଳେ ଆମେ ଯା' ତା ପଛରେ ଚୁଗୁଲୀ କରି ହୀନ ରାଜନୀତି କରୁଛୁ କ୍ଷ ଆମକୁ କିଛି କରିବାକୁ ପଡ଼ିବ କ୍ଷ ଆଜି ସଂଗ୍ରାମର ଶ୍ରାଦ୍ଧ ଦିବସରେ ଦେଶ ଆହ୍ୱାନ କରୁଛି, ରାହୁଲ ଗାନ୍ଧୀ ଆହ୍ୱାନ କରୁଛନ୍ତି, ନିଜ ମାଟି କେନ୍ଦୁଝର ଆହ୍ୱାନ କରୁଛି, ଆମେ ଚୁପ ହୋଇ ରହିବା ନାହିଁ କ୍ଷ ଓଡ଼ିଶାରେ ସଂଗ୍ରାମୀ ତିଆରି କରିବାକୁ ଚାହୁଁଛି, ଓଡିଶାକୁ ଏକ ନୂତନ ଦିଗନ୍ତ ଦେବାକୁ ଚାହୁଁଛି ।

ବୋଲି ଓପିସିସି ସଭାପତି ଶ୍ରୀ ଦାସ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତା ତଥା ଅଗଣିତ ସଂଗ୍ରାମପ୍ରେମୀଙ୍କୁ କହିଥିଲେ ।

ସଂଗ୍ରାମ ଜେନା ସ୍ମୃତି କମିଟି ସଭାପତି ତାରାପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା ପରିଚାଳିତ କରିଥିଲେ ।

ଏହି ସଭାରେ ସ୍ୱର୍ଗତ ଜେନାଙ୍କ ପିତା ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନାଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଅନନ୍ତ ସେଠୀ, ସୁରେଶ ରାଉତରାୟ, ପଞ୍ଚାନନ କାନୁନଗୋ, ଶିବାନନ୍ଦ ରାୟ, ବିଧାୟକ ଅଶୋକ ଦାସ, ବିଜୟାଲକ୍ଷ୍ମୀ ସାହୁ, ମିନାକ୍ଷୀ ବାହିନୀପତି, ଅରବିନ୍ଦ ଦାସ, ଶୁଭେନ୍ଦୁ ମହାନ୍ତି, ବନ୍ଦିତା ପରିଡା, ଜୟସ୍ମିତା ମହାନ୍ତି, ଅଭିମନ୍ୟୁ ବେହେରା, ଚିନ୍ମୟ ବେହେରା, ଦେବୀ ଚାନ୍ଦ, ରଞ୍ଜିତ ପାତ୍ର, ୟାଶୀର ନାୱାଜ, ମନୋଜ ରାଉତ, ମାନସ ଆଚାର୍ଯ୍ୟ, ଅମିଶା ସାମନ୍ତରାୟ, ଲିଙ୍ଗରାଜ ସାହୁ, ଶ୍ରୀକାନ୍ତ ଦାସ, ରାଜୀବ ପଟ୍ଟନାୟକ, ପଟ୍ଟନାୟକ, ମିଳନ ପଟ୍ଟନାୟକ ।ଶ୍ରାଦ୍ଧ ସଭାରେ ସ୍ୱର୍ଗତ ଜେନାଙ୍କ କନ୍ୟାଦ୍ୱୟ ସୁହାନୀ ଓ ଜାହାନି ପିତାଙ୍କ ସ୍ମୃତି ଚାରଣ କରିଥିବାବେଳେ ଭଉଣୀ ଡ଼ ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କଲେ ବିଜେଡି ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର,୨୦/୮ : ଓଡିଶାରେ ବର୍ତ୍ତମାନ ବନ୍ୟା, ଲଗାଣ ବର୍ଷା ପରିସ୍ଥିତି ଜାରି ରହିଛି । ଯାହାକୁ ନେଇ ଜନଜୀବନ ବ୍ୟାହତ ହୋଇଥିବା ବେଳେ ପରିସ୍ଥିତିକୁ ଧ୍ୟାନରେ ରଖି ବିଜୁ ଜନତା ଦଳ ପକ୍ଷରୁ ଏସଆଇଆର-୨୦୨୬ ପ୍ରକ୍ରିୟା ଅବଧି ବୃଦ୍ଧି ପାଇଁ ଦାବି ହୋଇଛି । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ଓ ଆପତ୍ତି ଅଭିଯୋଗର ଅବଧିକୁ ଅତି କମରେ ୩୦ ଦିନ ବୃଦ୍ଧି କରିବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଶ୍ରୀ ପ୍ରତାପ ଜେନା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତି ସ୍ନେହାଙ୍ଗିନି ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ଶ୍ରୀ ବିଜୟ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି, ଡ ପ୍ରିୟବ୍ରତ ମାଝୀ, ଶ୍ରୀ ମିହିର ରାୟ, ଶ୍ରୀ ନାରାୟଣ ଜେନା ଓ ଶ୍ରୀ ନନ୍ଦଲାଲ ସିଂ ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ପ୍ରତ୍ୟେକ ଯୋଗ୍ୟ ମତଦାତା ଯେପରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ପାଇବେ ଏବଂ କୌଣସି ପ୍ରକୃତ ମତଦାତା ତାଙ୍କର ମତଦାନ ଅଧିକାରରୁ ବଞ୍ଚିତ ନ ହେବେ, ସେଥିପାଇଁ ଏହି ସମୟସୀମା ବୃଦ୍ଧି କରିବାକୁ ବିଜୁ ଜନତା ଦଳ ଦାବି କରିଛି । ସ୍ମାରକପତ୍ରରେ ବିଜେଡି ଦର୍ଶାଇଛି ଯେ, ଏସ୍ଆଇଆର-୨୦୨୬ର ପ୍ରକ୍ରିୟା ଜାରି ରହିଛି ।

# ଗୋଦରା କୋଡେ ଯେତେ ମାଡେ ସେତେ



କେନ୍ଦ୍ରାପଡ଼ା,୨୦/୮: କେନ୍ଦ୍ରାପଡ଼ା ଛାତି ଚିରି ଯାଇଥିବା ଚଣ୍ଡୀଖୋଲ ପାରାଦୀପ ଜାତୀୟ ରାଜପଥ ଏବେ ବଡ଼ ବଡ଼ ଠିକାଦାର ଙ୍କ ନେଉଟିଆ କିଆରି ପାଲଟିଛି। ଚଣ୍ଡିଖୋଲ ରୁ ପାରାଦୀପ ବନ୍ଦର ଯାଏ ପ୍ରସସ୍ତ ହେଉଥିବା ୪ ଲାଇନ୍ ରାସ୍ତା କାମ ପାଇଥିବା ୩ ଟି ବଡ଼ ବଡ଼ ଠିକା ସଂସ୍ଥା ଆଉ ଘଏଇଓ ର ଭିତିରି ପ୍ରେମ ରେ ସାଧାରଣ ଜନତା ଏବଂ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବିଭିନ୍ନ ପରିବହନ ସଂସ୍ଥା ସର୍ବଦା ଏକ ସଂସୟ ମଧ୍ୟରେ ଗତି କରୁଛନ୍ତି। ପ୍ରଥମେ କେନ୍ଦ୍ରାପଡ଼ା ଶ୍ୟାମସୁନ୍ଦର ପୁର ନିକଟ ରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ସର୍ଭିସ୍ ରୋଡ ପ୍ରାୟ ୨୦୦ ରୁ ୨୫୦ ଫୁଟ୍ ଭୁସୁଡି ପଡିଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିଲା ଏକ ଘରୋଇ ବସ୍ ସହ ସମସ୍ତ ଯାତ୍ରୀ,ଅବିକଳ ଭାବେ ଚଳିତ ଅଗଷ୍ଟ ମାସ ରେ ଭୂତୁମୁଣ୍ଡାଇ ର ନିଳାଚଳ ବଜାର ନିକଟରେ ୧୫୦ ଫୁଟ୍ ରୁ ୨୦୦ ଫୁଟ୍ ଜାତୀୟ ରାଜପଥ ଧସିବା ଫଳରେ ୨/୩ ଟି ଭାରି ଯାନ ସେଠାରେ ସଲିଳ ସମାଧି ନେବା ଭଳି ପରିସ୍ଥିତି ଉପୁଜି ଥିଲା। ଏବେ ଶ୍ୟାମସୁନ୍ଦର ପୁର ନିକଟସ୍ଥ କଜଳା ହାଲପୁର ଭୂତଳ ଛାତରୁ ପାଣି ଗଳୁଛି। ଏଠି ସାଧାରଣ ରେ ଆଲୋଚନା ହେଉଛି ଯେ ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ମରଣ ଯନ୍ତା ପାଲଟିଛି। ଏ ସବୁକିଛି ଜାଣି ମଧ୍ୟ କେନ୍ଦ୍ରାପଡ଼ା ପ୍ରଶାସନର ର କାର୍ଯଦକ୍ଷତା ସହ NHAI ର ଦାଇତ୍ୱ ହିନତା ଉପରେ ଅନେକ ପ୍ରଶ୍ନ ଠିଆ କରିଛି

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ନିମନ୍ତେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କଟକ, ୨୦/୮ : ନିଶାମୁକ୍ତ ଭାରତ ଅଭିଯାନର ଅନ୍ତର୍ଗତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା କକ୍ଷଠାରେ ଏକ ସଚେତନତା ତଥା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥପାଠ କରାଯାଇଥିଲା । ନିଶାଶକ୍ତ ବ୍ୟକ୍ତି କେବଳ ନିଜ ଜୀବନକୁ ପ୍ରଭାବିତ କରେ ନାହିଁ, ଏହା ପରିବାର ଓ ସମାଜ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। ତେଣୁ ନିଶା ନିବାରଣ ପାଇଁ ସମସ୍ତଙ୍କ ସକ୍ରିୟ ଭାଗୀଦାରି ଅତ୍ୟନ୍ତ ଆବଶ୍ୟକ ବୋଲି ସଭାରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଡଃ. ଦିବ୍ୟଲୋଚନ ମହନ୍ତ ଏବଂ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଅବକାରୀ ଅଧୀକ୍ଷକ ଶ୍ରୀ କରୁଣାଶଙ୍କର ତିୱାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ର ଦେବସ୍ମିତା ଭଉଣୀ, କୀର୍ତ୍ତି ଭଉଣୀ ଓ ଭାଇମାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ରଥ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ।

# ବଡ଼ଚଣା ବ୍ଲକ୍ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଉଦ୍‌ଘାଟିତ



ଯାଜପୁର,,୨୦/୮: ବଡ଼ଚଣା ବ୍ଲକ୍ ସ୍ତରୀୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର (୨୦୨୬-୨୭)ର ପ୍ରଥମ ପର୍ଯ୍ୟାୟ ବୁଧବାର ଦିନ ଖଇରା ସ୍ଥିତ 'ପିଏମ ଶ୍ରୀ ବଡ଼ଚଣା ଉଚ୍ଚ ବିଦ୍ୟାଳୟ' ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର କୁ ବଡ଼ଚଣା ମାନ୍ୟବର ବିଧାୟକ ଶ୍ରୀ ଅମର କୁମାର ନାୟକ ଉଦଘାଟନ କରିଥିଲେ।ସ୍ଥାନୀୟ ବ୍ଲକ୍ ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଡାକ୍ତରୀ ଦଳ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ସେବା ଯୋଗାଇ ଦେଇଥିଲେ।

ଏହି ସାମର୍ଥ୍ୟ ଶିବିରରେ ବ୍ଲକ୍ ?ର ବିଭିନ୍ନ ଗ୍ରାମପଞ୍ଚାୟତରୁ ମୋଟ ୨୦୫ ଜଣ ଭିନ୍ନକ୍ଷମ ହିତାଧିକାରୀ ନିଜ ନିଜର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୯୮ ଜଣ ଅସ୍ଥିଶଲ୍ୟ (OH), ୩୨ ଜଣ ଶ୍ରବଣବାଧିତ (HI), ୩୫ ଜଣ ମାନସିକ ଆଘାତ/ମସ୍ତିଷ୍କ ପକ୍ଷାଘାତ (MR/CP), ୨୫ ଜଣ ଦୃଷ୍ଟିବାଧିତ (VI) ଏବଂ ୧୫ ଜଣ ବହୁବିଧ ଭିନ୍ନକ୍ଷମ (MD) ହିତାଧିକାରୀ ସାମିଲ ଥିଲେ।

ଶିବିରରେ ଉପସ୍ଥିତ ଡାକ୍ତରୀ ଦଳଙ୍କ ଦ୍ୱାରା ୧୫୬ ଜଣ ହିତାଧିକାରୀଙ୍କର ପରୀକ୍ଷାନିରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରେ ୮୫ ଜଣ ଅସ୍ଥିଶଲ୍ୟ, ୨୮ ଜଣ ମାନସିକ ଆଘାତପ୍ରାପ୍ତ, ୧୮ ଜଣ ଦୃଷ୍ଟିବାଧିତ, ୧୩ ଜଣ ଶ୍ରବଣବାଧିତ ଓ ୧୨ ଜଣ ବହୁବିଧ ଭିନ୍ନକ୍ଷମ ହିତାଧିକାରୀ ରହିଛନ୍ତି।

ଏହା ସହିତ ହିତାଧିକାରୀମାନଙ୍କୁ ସହାୟକ ଉପକରଣ ଓ ବିଭିନ୍ନ ସରକାରୀ ଯୋଜନାର ସହାୟତା ସହ ଯୋଡ଼ାଯାଇଥିଲା। ଶିବିରରେ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ (ପ୍ରୋସ୍ଥସିସ୍) ପ୍ରଦାନ କରାଯାଇଥିବା ବେଳେ ୬ ଜଣଙ୍କୁ ଯାତ୍ରା ରିହାତି (ବସ୍ ଓ ଟ୍ରେନ୍ ପାସ୍), ୪ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ୬ ଜଣଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଡି.ଆର୍.ଆଇ. (ଉଜଓ) ଋଣ ସହାୟତା ପାଇଁ ଚୟନ କରାଯାଇଛି। ବଡ଼ଚଣା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ (ଇଉଙ) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜନକଲ୍ୟାଣକାରୀ ଶିବିରକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ବଡ଼ଚଣା ଶ୍ରୀ ଅମର କୁମାର ନାୟକ, ଉପ ସଭାପତି, ଜିଲ୍ଲା ପରିଷଦ, ଯାଜପୁର ଶ୍ରୀ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ସଦସ୍ୟ,ଯତୀନ୍ଦ୍ର ନାୟକ, ଅରବିନ୍ଦ ସାମଲ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଜାନକୀ ହେମ୍ବ୍ରମ୍, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଡ଼ଚଣା ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଖଇରା ସରପଞ୍ଚ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ।ମେଡିସିନ ବିଶେଷଜ୍ଞ ଡାକ୍ତର ଜୟଦେବ ନନ୍ଦ, ସାଇକାଟ୍ରି ବିଶେଷଜ୍ଞ ଡାକ୍ତର ବିଦ୍ୟା ମହାରଣା, ଅର୍ଥପେଡିକ ବିଶେଷଜ୍ଞ ଡାକ୍ତର ଗୌରାଙ୍ଗ ନନ୍ଦୀ, ଇ.ଏନ୍. ଟି ବିଭାଗ ଡାକ୍ତର ଦେବବ୍ରତ ପୃଷ୍ଟି, ଚକ୍ଷୁ ବିଭାଗ ଡାକ୍ତର ସ୍ନେହାଶିଷ ଦୀକ୍ଷିତ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରିଥିଲେ।

## ରାଜଧାନୀର ରାଜରାସ୍ତାରେ...

ଚାକିରି ସର୍ତ୍ତାବଳୀ ସହିତ ପେନ୍‌ସନ୍ ପ୍ରଦାନ, ଶୂନ୍ୟପଡ଼ିଥିବା ପଦବୀରେ ନିଯୁକ୍ତି, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ସହ ଗ୍ରେଡ଼ ପେରେ ଥିବା ଅସଙ୍ଗତି ଦୂର କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସ୍‌ନାଲ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଇତ୍ୟାଦି। ଆଜିର ସାଧାରଣ ସଭାରେ ପ୍ରାକ୍ତନ ଶିକ୍ଷାପ୍ରଦୀପ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ଓଡ଼ିଶା ଲୋକ ଦଳର ସଭାପତି ସନ୍ତୋଷ ନାରାୟଣ ଯୋଗଦେଇ ଶିକ୍ଷକ ମାନଙ୍କର ଦାବି ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିବା ସହିତ ସରକାର ତୁରନ୍ତ ଏସବୁ ଦାବି ପୂରଣ କରିବା ନିମନ୍ତେ ନିଜର ଅଭିଭାଷଣରେ କହିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ସାକ୍ଷାତ ଆଲୋଚନା କରି ସେମାନଙ୍କର ସମସ୍ୟାକୁ ସମାଧାନ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଥିବା ବେଳେ; ମାନବସମ୍ବଳ ଗଢୁଥିବା ତଥା ରାଜ୍ୟ ଶିକ୍ଷାର ଅର୍ଦ୍ଧାଧିକ ଶିକ୍ଷାଦାନ ଭାର ବହନ କରୁଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଅନୁଦାନ ଓ ଶୂନ୍ୟ ହସ୍ତରେ ଅବସର ନେଉଥିବା ବା ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା ପ୍ରଚଳନ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁରୋଧ ଜଣାଇ କୁହାଯାଇଛି ଯେ ଏହି ସଂଘର୍ଷ କେବଳ ନିଜର ପେଟପାଟଣା ପାଇଁ ନୁହେଁ ଏହା ହେଉଛି ଆତ୍ମସମ୍ମାନ ଏବଂ ଗଣତାନ୍ତ୍ରିକ ଅଧିକାରର ପୁନରୁଦ୍ଧାର ପାଇଁ ଏକ ଅହିଂସା କ୍ରାନ୍ତି ।

# ବ୍ୟବସାୟିକ ସଂସ୍କାରରେ ସୂଚନା ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା



ଭୁବନେଶ୍ୱର,୨୦/୮ :ମୁଖ୍ୟ ଶାସନ, ଓଡ଼ିଶା ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା (ବିଆରଏପି) ୨୦୨୬ ଏବଂ ଜିଲ୍ଲା ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା ( ଡିବିଆରଏପି)-୨୦୨୫-୨୬ ଅଧୀନରେ ସଂସ୍କାରଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ସଂପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ମାନଦଣ୍ଡ ପାଳନ ପାଇଁ ଆବଶ୍ୟକ ସୂଚନା ପ୍ରଯୁକ୍ତିଭିତ୍ତିକ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ୨୧ଟି ବିଭାଗର ବରିଷ୍ଠ ଅଧିକାରୀ, ସମ୍ପୃକ୍ତ ବିଭାଗଗୁଡ଼ିକର ସୂଚନା ପ୍ରଯୁକ୍ତି ବ୍ୟବସ୍ଥା ସମନ୍ୱୟକାରୀ ସଂସ୍ଥା, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)ର ପ୍ରତିନିଧି ଏବଂ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ( ଏନଆଇସି)ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ବିଭାଗୱାରୀ ପ୍ରତ୍ୟେକ ସେବା ଏବଂ ସଂସ୍କାରରେ ରହିଥିବା ବିଭିନ୍ନ ଅଭାବଗୁଡ଼ିକର ସମୀକ୍ଷା କରାଯାଇଥିଲା । ଅସମ୍ପୂର୍ଣ୍ଣ ଅନଲାଇନ୍ ପୋର୍ଟାଲ ବିକାଶ, ବିଭିନ୍ନ ପ୍ରଣାଳୀର ସମନ୍ୱୟ, ଅନଲାଇନ୍ ସେବା ବ୍ୟବସ୍ଥାରେ ଏଣ୍ଟିଟି ଲକର୍ ସଂଯୋଜନ ଏବଂ ସାର୍ବଜନୀନ ତଥ୍ୟ ପ୍ରଦର୍ଶନ ପଟ୍ଟ (ପବ୍ଲିକ୍ ଡ୍ୟାସବୋର୍ଡ) ପ୍ରସ୍ତୁତି ସମେତ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ଇପିକଲ୍ ?ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଆବୋଲି ସୁନିଲ ନରୱଣେ ବିଭାଗୱାରୀ ସ୍ଥିତି ଓ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ । ସମ୍ପୃକ୍ତ ବିଭାଗଗୁଡ଼ିକର ପ୍ରମୁଖ ଶାସନ ସଚିବ ଏବଂ କମିଶନର-ତଥା-ଶାସନ ସଚିବ ତଥା ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ମୁଖ୍ୟ ଶାସନ ସଚିବ ବୈଠକରେ ପ୍ରଯୁକ୍ତିଭିତ୍ତିକ ପଦକ୍ଷେପ ମାଧ୍ୟମରେ ସଂସ୍କାର ସମ୍ପର୍କିତ ଆବଶ୍ୟକତାଗୁଡ଼ିକୁ ପୂରଣ କରି ବ୍ୟବସାୟୀମାନଙ୍କ ପାଇଁ ସରଳ, ସ୍ୱଚ୍ଛ ଏବଂ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଡିଜିଟାଲ ସେବାରେ ପରିଣତ କରିବା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଏହାଦ୍ୱାରା ବ୍ୟବସାୟ କ୍ଷେତ୍ରରେ ଦପ୍ତରକୁ ବ୍ୟକ୍ତିଗତ ଭାବେ ଯିବାର ଆବଶ୍ୟକତା, ବାରମ୍ବାର ଦଲିଲ ଦାଖଲ ଏବଂ ଏଡ଼ାଇ ହେବାଯୋଗ୍ୟ ବିଳମ୍ବକୁ ହ୍ରାସ କରାଯାଇପାରିବ । ଚିହ୍ନଟ ହୋଇଥିବା ବୈଷୟିକ ଅଭାବଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦୂର କରିବା ପାଇଁ ସମ୍ପୃକ୍ତ ବିଭାଗ ଏବଂ ସେମାନଙ୍କର ସିଷ୍ଟମ୍ ସମନ୍ୱୟକାରୀ ସଂସ୍ଥାଗୁଡ଼ିକୁ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସହିତ ସମନ୍ୱୟରେ କାର୍ଯ୍ୟ କରି, ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ବୈଷୟିକ ତ୍ରୁଟି ଓ ଅଭାବ ଦୂର କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ସମୀକ୍ଷାର ଏକ ପ୍ରମୁଖ ବିଷୟ ମଧ୍ୟରେ ବିଭାଗୀୟ ସରକାର-ବ୍ୟବସାୟ (ଜିଟୁବି ) ଏବଂ ସରକାର- ନାଗରିକ(ଜିଟୁସି) ସେବାଗୁଡ଼ିକୁ ଗୋ ସ୍ୱିଫ୍ଟ ଏବଂ ଓଡ଼ିଶା- ୱାନ୍ ସହିତ ସମନ୍ୱିତ କରିବା । ଉପଯୁକ୍ତ ସିଙ୍ଗଲ ୱିଣ୍ଡୋ ମଞ୍ଚ ମାଧ୍ୟମରେ ଆବେଦନଗୁଡ଼ିକ ପ୍ରେରଣ ଏବଂ କାରବାରର ସ୍ଥିତିକୁ ବାସ୍ତବ ସମୟରେ ଅଦ୍ୟତନ କରାଯାଇପାରିବା ପାଇଁ ଦୁଇପାଖିଆ ସୁଗମ ସମନ୍ୱୟ ସୁନିଶ୍ଚିତ କରିବାକୁ ବିଭାଗଗୁଡ଼ିକୁ କୁହାଯାଇଛି । ଏହିପରି ସମନ୍ୱୟ ରାଜ୍ୟସ୍ତରୀୟ ପ୍ରକଳ୍ପ ଅନୁସରଣ ବ୍ୟବସ୍ଥା ମାଧ୍ୟମରେ ଶିଳ୍ପ ପ୍ରକଳ୍ପଗୁଡ଼ିକର ସ୍ୱୟଂଚାଳିତ ନିରୀକ୍ଷଣ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବୈଠକରେ ବିଭାଗୀୟ ଜି-ଟୁ-ବି ପୋର୍ଟାଲଗୁଡ଼ିକରେ ଏଣ୍ଟିଟି ଲକର୍ ?ର ବ୍ୟବହାର ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଏଣ୍ଟିଟି ଲକର୍ ?କୁ ଏକ ସାଧାରଣ ଦଲିଲ ସଂରକ୍ଷଣ ବ୍ୟବସ୍ଥା ଭାବେ ବିକଶିତ କରାଯାଉଛି, ଯାହା ମାଧ୍ୟମରେ ସରକାରଙ୍କ ନିକଟରେ ପୂର୍ବରୁ ଦାଖଲ କରାଯାଇଥିବା କିମ୍ବା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦଲିଲଗୁଡ଼ିକୁ ସୁରକ୍ଷିତ ଭାବେ ପୁନଃ ପ୍ରାପ୍ତ କରି ବ୍ୟବହାର କରାଯାଇପାରିବ । ଏହା ଦ୍ୱାରା ନିବେଶକମାନଙ୍କୁ ବାରମ୍ବାର ସମାନ ଦଲିଲ ଦାଖଲ କରିବାର ଆବଶ୍ୟକତା ହ୍ରାସ ପାଇବ । ବିଆରଏପି ୨୦୨୬ ଅଧୀନରେ ଏଣ୍ଟିଟି ଲକର୍ ? ସହିତ ସମନ୍ୱୟ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଆବଶ୍ୟକତା ରହିଛି । ଯେଉଁ ବିଭାଗଗୁଡ଼ିକରେ ଏହି ସମନ୍ୱୟ କାର୍ଯ୍ୟ ଏପର୍ଯ୍ୟନ୍ତ କରାଯାଇପାରି ନାହିଁ, ସେହି ବିଭାଗଗୁଡ଼ିକୁ ନିଜ ନିଜ ସିଷ୍ଟମ ସମନ୍ୱୟକାରୀ ସଂସ୍ଥା ଏବଂ ସମ୍ପୃକ୍ତ ପ୍ରଯୁକ୍ତି ସଂସ୍ଥାଗୁଡ଼ିକ ସହିତ ତୁରନ୍ତ ସମନ୍ୱୟ କରି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟ ଏକ ପ୍ରମୁଖ ବିଷୟ ଥିଲା ଆବେଦନ, ଯାଞ୍ଚ ଏବଂ ଯାଞ୍ଚ ରିପୋର୍ଟ ସମ୍ପର୍କିତ ସାର୍ବଜନୀନ ଡ୍ୟାସବୋର୍ଡର ବିକାଶ ଓ ଅଦ୍ୟତନ । ଆବେଦନ ପ୍ରାପ୍ତି, ଅନୁମୋଦନ, ବିଚାରାଧୀନ ଆବେଦନ, ଆଇନଗତ ସମୟସୀମା ଏବଂ ଆବେଦନ ପ୍ରକ୍ରିୟାକରଣରେ ଲାଗୁଥିବା ସମୟ ସମ୍ପର୍କରେ ଜିଲ୍ଲାୱାରୀ ସୂଚନା ଡ୍ୟାସବୋର୍ଡରେ ପ୍ରଦର୍ଶିତ କରିବାକୁ ବିଭାଗଗୁଡ଼ିକୁ କୁହାଯାଇଛି । ଯାଞ୍ଚ ସମ୍ପର୍କିତ ଡ୍ୟାସବୋର୍ଡରେ ନିର୍ଦ୍ଧାରିତ ସମୟସୀମା ପାଳନର ସ୍ଥିତି ଏବଂ ଯାଞ୍ଚ ରିପୋର୍ଟ ଅପଲୋଡ୍ ?ର ବିବରଣୀ ମଧ୍ୟ ସୁନିଶ୍ଚିତ କରିବାକୁ କୁହାଯାଇଛି ।ସମୀକ୍ଷା ବୈଠକରେ ଅନଲାଇନ୍ ଜମି ଓ ସମ୍ପତ୍ତି ରେକର୍ଡ, ରାଜସ୍ୱ ଅଦାଲତ ଡ୍ୟାସବୋର୍ଡ, ସମ୍ପତ୍ତି କର ସମ୍ପର୍କିତ ସୂଚନା, ଜିଏସ୍ ?ଟି ନିରୀକ୍ଷଣ, ଗୃହ ନିର୍ମାଣ ଅନୁମୋଦନ, ବିଦ୍ୟୁତ୍ ସେବା, ନିଯୁକ୍ତି ସେବା, ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପର୍କିତ ଅନୁମୋଦନ ସମେତ "ବିଆରଏପି" ଏବଂ "ଡିବିଆରଏପି" ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସରକାର-ବ୍ୟବସାୟ ସେବା ସମ୍ପର୍କିତ ନିର୍ଦ୍ଦିଷ୍ଟ ସୂଚନା ପ୍ରଯୁକ୍ତିଭିତ୍ତିକ ପଦକ୍ଷେପଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା । ପ୍ରତ୍ୟେକ ବକେୟା ପଦକ୍ଷେପ ପାଇଁ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ସହିତ ବିଭାଗ, ସେମାନଙ୍କର ପ୍ରଣାଳୀ ସମନ୍ୱୟକାରୀ ସଂସ୍ଥା, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର , ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ଏବଂ ଇପିକଲ୍ ମଧ୍ୟରେ ସୁସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ପୋର୍ଟାଲ ବିକାଶ ଏବଂ ବିଭିନ୍ନ ପ୍ରଣାଳୀର ସମନ୍ୱୟ ସହିତ ସମ୍ପୃକ୍ତ ସଂସ୍କାରଗୁଡ଼ିକୁ ସମସ୍ତ ବିଭାଗ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହ ବୈଷୟିକ ସମନ୍ୱୟ ଉପରେ ନିର୍ଭରଶୀଳ ସମସ୍ତ ବକେୟା କାର୍ଯ୍ୟକୁ ତ୍ୱରିତ ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ସମୀକ୍ଷା କରାଯାଇଥିବା କାର୍ଯ୍ୟାନ୍ୱୟନ ସମୟସୂଚୀ ଅନୁଯାୟୀ, ଲକ୍ଷ୍ୟ ରଖାଯାଇଥିବା ସମସ୍ତ ସୂଚନା ପ୍ରଯୁକ୍ତିଭିତ୍ତିକ ସଂସ୍କାରକୁ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ଧାର୍ଯ୍ୟ କରାଯାଇଛି । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇପିକଲ୍ ?ର ପରିଚାଳନା ନିର୍ଦ୍ଦେଶିକାଙ୍କୁ ନୋଡାଲ୍ ? ବିଭାଗ ଓ ନୋଡାଲ୍ ? ଏଜେନ୍ସି ଭାବେ ଆସନ୍ତା ୨୫ ଅଗଷ୍ଟ ୨୦୨୬ରେ ସ୍ଥିତି ଓ ଅଗ୍ରଗତିର ପୁନଃସମୀକ୍ଷା କରିବା ସହ ରହିଥିବା ଯେକୌଣସି ବକେୟା ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି । ଫଳରେ, ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ରାଜ୍ୟ ଓ ଜିଲ୍ଲାସ୍ତରରେ ସଂସ୍କାର କାର୍ଯ୍ୟାନୁଷ୍ଠାନ ଯୋଜନା ସମ୍ପୂର୍ଣ୍ଣ କରାଯାଇପାରିବ । ସରକାର ପ୍ରଯୁକ୍ତିଭିତ୍ତିକ ସଂସ୍କାର, ଅଧିକ ସ୍ୱଚ୍ଛତା ଏବଂ ସରଳୀକୃତ ସେବା ପ୍ରଦାନ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାର ବ୍ୟବସାୟିକ ନିୟାମକ ପରିବେଶକୁ ଅଧିକ ସୁଦୃଢ଼ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବ୍ୟବସାୟୀ ଓ ନିବେଶକମାନଙ୍କୁ ସରକାରୀ ବ୍ୟବସ୍ଥା ସହିତ ଅଧିକ ଦ୍ରୁତ, ସରଳ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାଭିତ୍ତିକ ସମ୍ପର୍କ ସୁବିଧା ପ୍ରଦାନ କରିବା ଏହି ପଦକ୍ଷେପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ।

# ତୃତୀୟ ଦିନରେ ପହଞ୍ଚିଲା ଓଡିଶା ଅଭିଭାବକ ମହାସଂଘର ଅନଶନ ଓ ଶିକ୍ଷା ସତ୍ୟାଗ୍ରହ




ଭୁବନେଶ୍ୱର,୨୦/୮ : ଭୁଲ ପାଠ୍ୟପୁସ୍ତକ ପ୍ରତ୍ୟାହାର, ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୨୫ % ଶିକ୍ଷା ଅଧିକାର ମାଗଣା ଶିକ୍ଷା ଯୋଜନାକୁ ଦ୍ୱାଦଶ ଶ୍ରେଣୀକୁ ବୃଦ୍ଧି ତଥା କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ବୃତ୍ତିଗତ ଶିକ୍ଷାକୁ ସାମିଲ କରିବା ଦାବିରେ ଲୋୟର ପିଏମଜିରେ ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଓଡିଶା ଅଭିଭାବକ ମହାସଂଘର ଚାଲିଥିବା ଶିକ୍ଷା ସତ୍ୟାଗ୍ରହ ଓ ଆମରଣ ଅନଶନ ଆଜି ତୃତୀୟ ଦିନରେ ପହଂଚିଛି ।

ପୁରୁଣା ବହି ରେ ପାଠ ପଢା ଓ ଭୁଲ ବହି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଏ ସତ୍ୟାଗ୍ରହ ଏବଂ ଅନଶନ ଚାଲିବ ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି ।ତୃତୀୟ ଦିନରେ ଆଜି ଶିକ୍ଷା ସତ୍ୟାଗ୍ରହ କୁ ସମର୍ଥନ ଜଣାଇ ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟନାୟକ, ସିପିଆଇ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ପ୍ରଦୀପ୍ତ ନାୟକ, ପେରେଣ୍ଟସ ଫିଡିରେସନ ର ପ୍ରଦୀପ୍ତ ମିଶ୍ର, ରଞ୍ଜନ ଦାସ ଓ ଅନନ୍ତ ରାଉତ, ଫରୱାର୍ଡ ବ୍ଲକ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, କର୍ମଚାରୀ ମହାମଞ୍ଚ ନେତା ପ୍ରଭାତ ମହାନ୍ତି, ଶିକ୍ଷକ ନେତା ଅମୀୟ ମହାନ୍ତି, ବିଜେଡି ନେତା ଅମରେଶ ପତ୍ରି, ସ୍ନେହାଶିଷ ଜେନା, ବରିଷ୍ଟ ସାମ୍ବାଦିକ ସତୀଶ ମିଶ୍ର, ଭୁବନେଶ୍ୱରର ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ଦୁର୍ଗା ଦାଶ, ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ମହାସଂଘ ସଭାପତି ବାସୁଦେବ ଭଟ୍ଟ ଙ୍କ ଆମରଣ ଅନଶନ ଆଜି ତୃତୀୟ ଦିନରେ ପହଂଚି ଥିବାରୁ ତାଙ୍କର ରକ୍ତଚାପ ଓ ପଲସ ରେଟ ରେ ବିଚ୍ୟୁତ ଦେଖା ଦେଇଛି । ପ୍ରକାଶ ଥାଉ କି ପାଠ୍ୟପୁସ୍ତକରେ ଅଗଣିତ ତ୍ରୁଟି ଭଳି ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନ ଘଟଣା ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ରାଜ୍ୟକୁ ନିନ୍ଦିତ କରି ଚାଲିଛି ।ଏହି ପ୍ରସଙ୍ଗ ଅତ୍ୟନ୍ତ ମାରାତ୍ମକ,ଗୁରତର ।ଓଡ଼ିଶା ଶିକ୍ଷା ବ୍ୟବସ୍ଥାର ଇତିହାସରେ ଏକ କଳା ଅଧ୍ୟାୟ । କଳଙ୍କିତ ଅଧ୍ୟାୟର ଦସ୍ତାବିଜ ଭୁଲ ବହି କୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । ମୁଖ୍ୟମନ୍ତ୍ରୀ ଭୁଲ ବହି ପ୍ରତ୍ୟାହାର ପାଇଁ କହିବା ପରେ କେଉଁ ମନ୍ଦ ଉଦ୍ଦେଶ ଆଧାରରେ ଏ ପର୍ଯ୍ୟନ୍ତ ବହି ଫେରା ଯାଇନି । ପିଲାଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ମହାସଂଘ ଆମରଣ ଅନଶନରେ ବସିଛି ।ଏଥି ସହିତ ଆର ଟି ଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ପ୍ରାଇଭେଟ ସ୍କୁଲ ରେ ମାଗଣାରେ ପଢୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ପିଲାଙ୍କ ମାଗଣା ଶିକ୍ଷା ନବମ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ମହାସଂଘର ଦ୍ୱିତୀୟ ଦାବୀ । କେଜି ରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଯୋଜନାରେ ଆଇନ, କୃଷି,ସିଟି, ବିଇଡି,ଶାରୀରିକ ଶିକ୍ଷା, ନର୍ସିଙ୍ଗ, ଶିଳ୍ପ ତାଲିମ, ସିଟି, ବିଇଡି ଆଦି ବୃତ୍ତି ଗତ ଶିକ୍ଷାକୁ ଯୋଜନାରେ ଅନ୍ତର୍ଭୁକ୍ତ ସହ କେବଳ ଆଡ଼ମିସନ ଫିସ ନୁହେଁ ପରୀକ୍ଷା ଫି, ଅଫିଲେସନ ଫି, ଲାଇବ୍ରେରୀ ଫି ଆଦି ସବୁ ଫିସ ଛାଡ଼ କରିବାକୁ ମହାସଂଘ ତୃତୀୟ ଦାବୀ ରଖିଛି ।ଓଡିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ପରିଜା, ମହାସଚିବ ଅଶୋକ ପାଇକରାୟ, ସଂଗଠନ ସମ୍ପାଦକ ପ୍ରକାଶ ମିଶ୍ର, କଟକ ସଭାପତି ଦେବବ୍ରତ ରାୟ, ଲିଙ୍ଗରାଜ ଭୋଇ, ପ୍ରଦ୍ୟୁମ୍ନ ଦାଶ, ସଞ୍ଜୟ ଦାସ, ମିନା ଦାସ, ମିଲ୍ଲୀ ସାହୁ, ସନ୍ତୋଷିନୀ ଦାସ, ବେବିନା ମହାରଣା, ବିଜୟଲକ୍ଷ୍ମୀ ସାହୁ, ପୁଷ୍ପା ରାଉତ, ତପନ ରାଉତରାୟ,ଙ୍କ ସହ ରାଜ୍ୟର ଅନେକ ରାଜନୈତିକ ନେତୃତ୍ୱ , ଗଣ ସଂଗଠନ, ବୁଦ୍ଧିଜୀବୀ , ଶିକ୍ଷାବିତ, ଅଭିଭାବକ, ଛାତ୍ର ଛାତ୍ରୀ ଆଜି ମଧ୍ୟ ଯୋଗ ଦେଇଥିଲେ ।

# ଓଡ଼ିଶାର ସେମିକଣ୍ଡକ୍ଟର ଓ ପ୍ରଯୁକ୍ତି ଭିତ୍ତିଭୂମି ବିକାଶ ପାଇଁ ନୂଆ ଦିଗ



ଭୁବନେଶ୍ୱର,୨୦/୮: ଓଡ଼ିଶାରେ ଆଧୁନିକ ପ୍ରଯୁକ୍ତି ଓ ଶିଳ୍ପ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଏକ ଦୃଢ଼ ପରିବେଶ ଗଠନ ଲକ୍ଷ୍ୟରେ ମାନ୍ୟବର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଗୁଜରାଟର ଧୋଲେରା ଶିଳ୍ପ ପରିଦର୍ଶନ କରିଛନ୍ତି ।

ଏହି ଅବସରରେ ଧୋଲେରାରେ ସମନ୍ୱିତ ଭିତ୍ତିଭୂମି ଓ ସହର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ଆକ୍ଟିଭେସନ୍ ଏରିଆ ପରିଦର୍ଶନ କରିଛନ୍ତି । ଧୋଲେରାରେ ଦେଖାଯାଇଥିବା ଆଧୁନିକ ନଗର ଯୋଜନା ଓ ଭିତ୍ତିଭୂମି ବିକାଶର ବ୍ୟାପକତା ଏହି ପରିଦର୍ଶନର ମୁଖ୍ୟ ଆକର୍ଷଣ ଥିଲା ।ଏହା ସହିତ, ଟାଟା ଇଲେକ୍ଟ୍ରୋନିକ୍ସର ସେମିକଣ୍ଡକ୍ଟର ଫ୍ୟାବ୍ ପରିଦର୍ଶନ କରି ଥିଲେ । ସେମିକଣ୍ଡକ୍ଟର ଶିଳ୍ପର ବିକାଶ କେବଳ ଏକ ଫ୍ୟାବ୍ ସ୍ଥାପନରେ ସୀମିତ ନୁହେଁ; ଏହା ସହିତ ଆବଶ୍ୟକୀୟ ଶିଳ୍ପ ଇକୋସିଷ୍ଟମ୍, ଭେଣ୍ଡର ନେଟୱର୍କ, ଉଚ୍ଚମାନର ଭିତ୍ତିଭୂମି ଓ ଦକ୍ଷ ମାନବ ସମ୍ବଳର ବିକାଶ ମଧ୍ୟ ଜଡ଼ିତ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ,"ଏହି ପରିଦର୍ଶନ ଓଡ଼ିଶାରେ ଭବିଷ୍ୟତ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ ପାଇଁ ମୂଲ୍ୟବାନ ଅନୁଭୂତି ଓ ଶିକ୍ଷା ପ୍ରଦାନ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଧୁନିକ ଭିତ୍ତିଭୂମି, ଉନ୍ନତ ପ୍ରଯୁକ୍ତି ଓ ଶିଳ୍ପ ଇକୋସିଷ୍ଟମ୍ ?ର ସମନ୍ୱୟ ମାଧ୍ୟମରେ ରାଜ୍ୟକୁ ଭାରତର ଆଗାମୀ ସେମିକଣ୍ଡକ୍ଟର ଓ ଟେକ୍ନୋଲୋଜି ହବ୍ ? ଭାବେ ଗଢ଼ି ତୋଳିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।"

ଏହି ପରିଦର୍ଶନରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓପିଟିସିଏଲ ଚେୟାରମ୍ୟାନ ଭାସ୍କର ଜ୍ୟୋତି ଶର୍ମା, ଓକାକ ସିଇଓ ଡ. ପ୍ରଦୀପ କୁମାର ରାଉତ, ଯୁଗ୍ମ ସଚିବ କୌସ୍ତୁଭ ପାଣିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୪ତମ ଜୟନ୍ତୀ

# ଓଡିଶାର ଇତିହାସ ଗବେଷଣାରେ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଓଡିଶା ପ୍ରତି ସର୍ବଶ୍ରେଷ୍ଠ ଅବଦାନ




ଭୁବନେଶ୍ୱର,୨୦/୮ :ଇତିହାସକାର ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ କେବଳ ପାରଳାର ବରପୁତ୍ର ନୁହଁ, ବରଂ ସମଗ୍ର ଓଡିଶାର ସେ ଥିଲେ ପରଶମଣି । ଓଡିଶାର ଇତିହାସକୁ ଉଦ୍ଧାର କରି ଓଡିଆମାନଙ୍କ ପାଖରେ ତାକୁ ପହଞ୍ଚାଇବାର ଯେଉଁ ଦୁଃସାହସ କରିପାରିଛନ୍ତି ତାହା ଓଡିଆ ଜାତି କେବେ ଭୁଲିପାରିବ ନାହିଁ । ବାସ୍ତବରେ ରାଜଗୁରୁ ନଥିଲେ ଓଡିଶାର ଅନେକ ଶିଳାଲେଖର ଉନ୍ମୋଚନ ହୋଇପାରିନଥନ୍ତା ବୋଲି ଆଜି ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୪ତମ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀ ମତବ୍ୟକ୍ତ କରିଛନ୍ତି ।

ପାରଳା ଗଜପତି ବିକାଶ ମଞ୍ଚର ସଭାପତି ଦିଗ୍ ?ବିଜୟ ନାଥ ପାଢ଼ୀଙ୍କ ପୌରହିତ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ବକ୍ତା ଭାବେ ଓଡିଶା ରାଜ୍ୟ ସଂଗ୍ରହାଳୟର ଅବସରପ୍ରାପ୍ତ ଅଧୀକ୍ଷକ ତଥା ସୁଲେଖିକା ଡ. ଭାଗ୍ୟଲିପି ମଲ୍ଲ ସତ୍ୟନାରାୟଣ ରାଜଗୁରୁଙ୍କ ଜୀବନର ଅନେକ ଅନାଲୋଚିତ ଦିଗକୁ ନିଜର ସୁନ୍ଦର ଅଭିଭାଷଣ ମାଧ୍ୟମରେ ଉପସ୍ଥାପନା କରିଥିଲେ ।

ସମ୍ମାନିତ ବକ୍ତା ଭାବେ ଯୁବ ଲିପିତତ୍ତ୍ୱବିତ୍ ଇଂ ବିଷ୍ଣୁ ମୋହନ ଅଧିକାରୀ ପଦ୍ମଶ୍ରୀ ରାଜଗୁରୁଙ୍କ ସର୍ବଭାରତୀୟ ଲିପିତତ୍ତ୍ୱ ଗବେଷଣା, ପାଣ୍ଡୁଲିପି ସଂପାଦନା, ତଥା ଓଡିଆ ଭାଷାର ପ୍ରାଚୀନତାକୁ ଦର୍ଶାଇବା ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ପ୍ରମାଣ ସହ ଯୁକ୍ତି ଉପସ୍ଥାନ କରିଥିଲେ ।ଏଥିସହ ରାଜଗୁରୁଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ମ୍ୟୁଜିୟମ୍ ନିକଟରେ ସ୍ଥାନ କରିବାକୁ ଆହ୍ୱାନ କରିଥିଲେ । ରାଜ୍ୟରେ ନୂତନ ଭାବେ ମିଳୁଥିବା ବହୁଭାଷୀ ଅଭିଲେଖଗୁଡିକର ଅଧ୍ୟୟନ ଓ ଗବେଷଣା ସହ ନୂତନ ନିର୍ଯାସ ପାଠ୍ୟପୁସ୍ତକରେ ଅଦ୍ୟତନ କରିବାକୁ ହେବ ବୋଲି କହିଥିଲେ ।

ପାରଳା ଗଜପତି ବିକାଶ ମଞ୍ଚର ସମ୍ପାଦକ ରାଜ କିଶୋର ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ପାରଳା ଗଜପତି ବିକାଶ ମଞ୍ଚ ଅନୁଷ୍ଠାନ ତରଫରୁ ପାରଳାର ପ୍ରତିଭାଧର ମାନଙ୍କର ପର୍ଯ୍ୟାୟକ୍ରମେ ଜୟନ୍ତୀ ସଭାମାନ କରାଯିବା ପ୍ରସ୍ତାବ ରହିଥିବା ବ୍ୟକ୍ତ କରି ଧନ୍ୟବାଦ ଅର୍ପଣ କରିଥିଲେ । ପାରଳା ଗଜପତି ବିକାଶ ମଞ୍ଚର ବରିଷ୍ଠ ସଦସ୍ୟ ବିଘ୍ନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସୀତାକାନ୍ତ ରାଜଗୁରୁଙ୍କ ଦ୍ୱାରା ସମ୍ପାଦନା ହୋଇଥିବା ପୁସ୍ତକ ଶତାବ୍ଦୀର ଗବେଷକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ (ପ୍ରଥମ ଭାଗ) ସତ୍ୟ ନାରାୟଣ ରାଜଗୁରୁଙ୍କ ଉପରେ ଲିଖିତ ଏକ ପୁସ୍ତକ ପାଠକାର୍ପଣ କରାଯାଇଥିଲା ।

# ଓଡିଶା ମାନବାଧିକାର ଆୟୋଗର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଶ୍ରୀ ବିରଜା ଶଙ୍କର ମିଶ୍ର



ଭୁବନେଶ୍ୱର,୨୦/୮ :ଶ୍ରୀ ବିରଜା ଶଙ୍କର ମିଶ୍ର ଆଜି ଓଡିଶା ମାନବାଧିକାର ଆୟୋଗର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ତୋଷାଳି ଭବନସ୍ଥିତ ମାନବାଧିକାର ଆୟୋଗଙ୍କ କାର୍ଯ୍ୟାଳୟରେ ମାନ୍ୟବର ଅଧ୍ୟକ୍ଷ ଜଷ୍ଟିସ୍ ଶ୍ରୀ ଶତ୍ରୁଘ୍ନ ପୂଜାହାରୀ ଏବଂ ମାନ୍ୟବର ସଦସ୍ୟ ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆୟୋଗଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ ମାନ୍ୟବର ସଦସ୍ୟ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ଜଣାଶୁଣା ଅଧିବକ୍ତା ଶ୍ରୀ ମିଶ୍ର ୧୯୯୩ ମସିହାରେ ଓଡିଶା ବାର୍ କାଉନ୍ସିଲ୍ର ସଦସ୍ୟ ହେବା ପରେ ଦୀର୍ଘ ଚାରି ଦଶନ୍ଧି ଧରି ଆଇନଜୀବୀ ଭାବରେ ସକ୍ରିୟ ଅଛନ୍ତି । ପୂର୍ବରୁ ଓଡିଶା ମାନବାଧିକାର ଆୟୋଗରେ ଅଧ୍ୟକ୍ଷ ଏବଂ ଜଣେ ସଦସ୍ୟ ଥିବାବେଳେ ଶ୍ରୀ ମିଶ୍ର ସଦସ୍ୟ ଭାବେ ଯୋଗଦାନ ଦେବା ଦ୍ୱାରା କମିଶନର ସମସ୍ତ ପଦବୀ ପୂରଣ ହୋଇଛି ।

# ଆଜିଠାରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜନ୍ମ ଶତବାର୍ଷିକ ମହୋତ୍ସବ ଆରମ୍ଭ




ଭୁବନେଶ୍ୱର,୨୦/୮ : ବିଧର୍ମ ଚକ୍ର ବିଦାରକ ଦକ୍ଷ ମହାରଥ ବେଦାନ୍ତ କେଶରୀ ରାଷ୍ଟ୍ରସନ୍ଥ ବ୍ରହ୍ମଲୀନ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବର ଉଦ୍ ?ଘାଟନ କାର୍ଯ୍ୟକ୍ରମ ଆସନ୍ତା ଶ୍ରାବଣ ଶୁକ୍ଳ ନବମୀ ତିଥି, ଅଗଷ୍ଟ ୨୧ ତାରିଖରେ ପାଳନ କରାଯିବ । ଆସନ୍ତା ବର୍ଷ ୨୦୨୭ ନଭେମ୍ବର ପର୍ଯ୍ୟନ୍ତ ସାରା ଭାରତରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହେବ । ଓଡିଶାର ୨୫ ହଜାର ସ୍ଥାନରେ ମହୋତ୍ସବ ପାଳନ ହେବ ବୋଲି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜନ୍ମ ଶତବାର୍ଷିକ ମହୋତ୍ସବ ସମିତି,ଓଡିଶା ତରଫରୁ ବୁଧବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ପ୍ରକାଶ କରାଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅଧ୍ୟକ୍ଷ ସ୍ୱାମୀ ଜୀବନମୁକ୍ତାନନ୍ଦପୁରୀ ଏବଂ ସଂଯୋଜକ ବିନୟ କୁମାର ଭୂୟାଁ ପ୍ରକାଶ କରିଛନ୍ତି ଯେ, ଅଗଷ୍ଟ ୨୧ ତାରିଖ ଦିନ ତାଳଚେରର ଗୁରୁଜଙ୍ଗା ଠାରେ ଏହି କାର୍ଯ୍ୟକ୍ରମର ଉଦ୍ ?ଘାଟନ ହେବ । ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ଗୋ ପୂଜନ, ଯଜ୍ଞ, ନଗର ପରିକ୍ରମା, ଧର୍ମସଭା, ପ୍ରସାଦ ସେବନ, ଶତାବ୍ଦୀ କାର୍ଯ୍ୟକର୍ତ୍ତାଙ୍କ ବୈଠକ, ସଂଧ୍ୟାରେ ଗାଆଁର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସଂଧ୍ୟା, ନୃତ୍ୟ, ପାଲା ଓ ପୂଜ୍ୟ ସନ୍ଥମାନଙ୍କ ଦ୍ୱାରା ପ୍ରବଚନ ପ୍ରଦାନ ଏବଂ ସ୍ୱାମୀଜୀଙ୍କ ଜୀବନାଦର୍ଶ ସମ୍ପର୍କିତ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

ଏହି କାର୍ଯ୍ୟକ୍ରମରେ ସନ୍ଥ ବ୍ରହ୍ମାନନ୍ଦ ସରସ୍ୱତୀ, ସଚ୍ଚିଦାନନ୍ଦ ମହାରାଜ, ଶିବଦାସ ବାବା, ସ୍ମୃତି ସାଗର ମହାରାଜ,ଜୀବନ ଚୈତନ୍ୟ ମହାରାଜ, ସଚ୍ଚିଦାନନ୍ଦ ଦାସ ମହାରାଜ, ବାବାଜୀ ବିଶ୍ୱନାଥ ଦାସ, ଶରଧାନନ୍ଦ ସରସ୍ୱତୀ, ଅବିନାଶ ବାବା ତଥା ଅନ୍ୟସାଧୁସନ୍ଥଗଣ ଉପସ୍ଥିତ ରହିବେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ତଥା ରାଜ୍ୟର ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ରହି ମାର୍ଗ ଦର୍ଶନ କରିବେ ।ଏହାପରେ ଅଗଷ୍ଟ ୨୩ ବଳିଦାନ ଦିବସ ତାରିଖରୁ ସେପ୍ଟେମ୍ବର ୪ ବଳିଦାନ ତିଥି ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ଗାଆଁ ଓ ବସ୍ତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ । ଅକ୍ଟୋବର ୨୦୨୬ରେ ଚକାପାଦରେ ସଂସ୍କୃତ ସମ୍ମିଳନୀ, ଜଳେଶପଟାରେ ମହିଳା ସମ୍ମିଳନୀ ଏବଂ ନଭେମ୍ବରରେ ସମ୍ବଲପୁରରେ ପ୍ରଥମ ମହାସମ୍ମିଳନୀ, ବ୍ରହ୍ମପୁରରେ ଦ୍ୱିତୀୟ ଓ ଭୁବନେଶ୍ୱରରେ ତୃତୀୟ ମହାସମ୍ମିଳନୀ ଅନୁଷ୍ଠିତ ହେବ । ଏହା ବ୍ୟତୀତ ଭାରତର ପ୍ରମୁଖ ସ୍ଥାନ ହରିଦ୍ୱାର, ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ହାଇଦ୍ରାବାଦ ଓ କଲିକତାରେ ମହା ସମାବେଶମାନ ଆୟୋଜନ ହେବ । ୨୦୨୭ ଜାନୁୟାରୀରୁ ଅପ୍ରେଲ ପର୍ଯ୍ୟନ୍ତ ପ୍ରତି ଗାଆଁ ଓ ବସ୍ତିରେ ସନ୍ଥମାନଙ୍କ ଦ୍ୱାରା ଜାଗରଣ ଯାତ୍ରା,ଅପ୍ରେଲ ଓ ମଇ ମାସରେ ବ୍ଲକ ଓ ସହର ମାନଙ୍କରେ ବିଶାଳ ହିନ୍ଦୁ ସମ୍ମିଳନୀମାନ ଆୟୋଜନ କରାଯିବ ।

ଜଣେ ସନ୍ନ୍ୟାସୀ ହୋଇ ସୁଦ୍ଧା ମୋକ୍ଷପାଇଁ ସାଧନାର ମାର୍ଗ ତ୍ୟାଗକରି ଦେଶ ଓ ସମାଜ ସେବାରେ ନିଜକୁ ସମର୍ପଣ କରି ଧର୍ମରକ୍ଷା ପାଇଁ ବଳିଦାନ ଦେଇଥିଲେ ବୋଲି ସ୍ୱାମୀ ଜୀବନମୁକ୍ତାନନ୍ଦପୁରୀ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ସେ କହିଥିଲେ ସ୍ୱାମୀଜୀ ୧୪ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ । ୧୯୬୨ ଚୀନ୍ ସହ ଯୁଦ୍ଧ ଏବଂ ୧୯୬୫ରେ ପାକିସ୍ତାନ ସହ ଯୁଦ୍ଧ ସମୟରେ ଯୁଦ୍ଧ ପୀଡିତଙ୍କର ସେବାରେ ନିଜକୁ ସମର୍ପିତ କରିଥିଲେ । ତାଙ୍କ ପ୍ରୟାସ ଓ ପ୍ରେରଣାରେ ଦୁଇଟି ସଂସ୍କୃତ ବିଦ୍ୟାଳୟ ଓ ଦୁଇଟି ମହାବିଦ୍ୟାଳୟ କନ୍ଧମାଳରେ ଏବଂ ଗୋଟିଏ ଉଚ୍ଚ ବିଦ୍ୟାଳୟ ତୁଳସୀପୁରରେ ସ୍ଥାପିତ ହୋଇଥିଲା । ମହିଳାଙ୍କ ପାଇଁ ରାତ୍ରୀ ପାଠଶାଳା କନ୍ଧମାଳରେ ଆରମ୍ଭ କରିଥିଲେ । ଯୋଗ ଓ ବ୍ୟାୟମ ଉପରେ ଗୁରୁତ୍ୱ ଆରୋପ କରିବା ସହ କନ୍ଧମାଳର କତିଙ୍ଗିଆରେ ଆୟୁର୍ବେ ?ଦ ସ୍ୱାସ୍ଥ୍ୟ କେନ୍ଦ୍ର, ରାୟଗଡାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବି ସ୍ଥାପନ କରିଥିଲେ । ନିଜେ ଜୈବିକ କୃଷି ଓ ଗୋପାଳନ କରିବା ସହିତ ସ୍ଥାନୀୟ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ । ଛୋଟଛୋଟ ଚେକ୍ ଡ୍ୟାମ କରି ଜଳସେଚନର ବ୍ୟବସ୍ଥା କରାଇଥିଲେ । କନ୍ଧମାଳର କତିଙ୍ଗିଆରେ ଗୋଟିଏ କୃଷି ସମବାୟ ସମିତି ଆରମ୍ଭ କରିଥିଲେ । ଗ୍ରାମ ସମିତି ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରିବା ସହିତ ପ୍ଲାଷ୍ଟିକ ବର୍ଜନ ପାଇଁ ଉତ୍ସାହ କରୁଥିଲେ । ଘରେ ଘରେ ତୁଳସୀ ଗଛ ଲଗାଇବା ପାଇଁ ଆହ୍ୱାନ କରୁଥିଲେ । ଗାଁ ଗାଁରେ କୀର୍ତ୍ତନ ମଣ୍ଡଳୀ, ଜଗନ୍ନାଥ ରଥଯାତ୍ରା, ଧରଣୀ ପେନୁ ଯାତ୍ରା, ପଞ୍ଚ ମହାଯଜ୍ଞ, ସପ୍ତମହାଯଜ୍ଞ କରାଇଥିଲେ । କନ୍ଧମାଳ ଓ ଗଜପତିରେ ୫ଟି ମନ୍ଦିର ନିର୍ମାଣ କରାଇଥିଲେ । କନ୍ଧମାଳରେ ମହିଳା କୀର୍ତ୍ତନ ମଣ୍ଡଳୀ ବି ଆରମ୍ଭ କରାଇଥିଲେ । ୧୯୬୬ ମସିହାରେ ଦିଲ୍ଲୀରେ କରପାତ୍ରୀଜୀ ମହାରାଜଙ୍କ ନେତୃତ୍ୱରେ ହୋଇଥିବା ଗୋରକ୍ଷା ଆନ୍ଦୋଳନରେ ଭାଗ ନେଇ ୧୮ ଦିନ ପାଇଁ କାରାବରଣ କରିଥିଲେ । ଓଡିଶାରେ ୧୯୬୭ ମସିହାରେ ନିଜ ନେତୃତ୍ୱରେ ଗୋରକ୍ଷା ଆନ୍ଦୋଳନ ଚଳାଇ ଅଢେଇମାସ କାରାବାସ ଭୋଗିଥିଲେ । ଧର୍ମରକ୍ଷା ନିମନ୍ତେ ଧର୍ମାନ୍ତରୀତ ହିନ୍ଦୁମାନଙ୍କୁ ପୁନର୍ବାର ନିଜ ଧର୍ମକୁ ଫେରାଇ ଆଣୁଥିବା କାରଣରୁ ୨୦୦୮ ପବିତ୍ର ଜନ୍ମାଷ୍ଟମୀ ଦିନ ବିଧର୍ମୀମାନେ ତାଙ୍କୁ ତଥା ତାଙ୍କର ୪ ସହଯୋଗୀଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ । କିମ୍ବଦନ୍ତୀ ମହାପୁରୁଷ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ତାଙ୍କ କର୍ମମୟ ଜୀବନ ଓ ସୁବିଚାର ମାଧ୍ୟମରେ ହିନ୍ଦୁ ଧର୍ମର ସୁରକ୍ଷା(ଧର୍ମାନ୍ତକରଣ ରୋକିବା), ଘରେ ଘରେ ଗୋପାଳନ କରିବା, ବୃକ୍ଷରୋପଣ କରିବା, ମା-ମାଟି-ମାତୃଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ଏହି ପଞ୍ଚ ସଂକଳ୍ପକୁ କାର୍ଯ୍ୟକାରୀ କରିବାକୁ ଶ୍ରୀ ଭୂୟାଁ ନିବେଦନ କରିଛନ୍ତି ।

# ଅପାରଗ ସରକାର ପାଇଁ ବନ୍ୟାରେ ଚାଷୀ ହନ୍ତସନ୍ତ : କୃଷକ ସଭା

ଭୁବନେଶ୍ୱର,୨୦/୮ : ଓଡ଼ିଶାରେ ଚଳିତ ଖରପ୍ ଋତୁରେ ବିଳମ୍ବରେ ଓ ମାତ୍ରାଧିକ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଫସଲର ସଠିକ ଆକଳନ କରି ତୁରନ୍ତ ଆର୍ଥିକ ସହାୟତା ଓ ବିହନ, ସାର, ଔଷଧ, ମାଗଣାରେ ପ୍ରଦାନ କରିବା ପାଇଁ ଅଖିଳ ଭାରତ କୃଷକ ସଭା ରାଜ୍ୟ ପରିଷଦ ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

ଚଳିତ ବର୍ଷ ପ୍ରବଳ ବର୍ଷା ଓ ବନ୍ୟା ଫଳରେ ଓଡ଼ିଶାର ପ୍ରାୟ ୧୦ଟି ଜିଲ୍ଲା ଦୀର୍ଘଦିନ ଧରି ଜଳମଗ୍ନ ଅବସ୍ଥାରେ ରହିଛି । ଲକ୍ଷ ଲକ୍ଷ ଜନସାଧାରଣ ପାଣି ଘେରରେ ଅଛନ୍ତି । ରିଲିଫ ଥଇଥାନ ଓ ଉଦ୍ଧାର କାର୍ଯ୍ୟରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ଜନଗଣ ଅହେତୁକ ଦୁର୍ଦ୍ଦଶା ଭୋଗୁଥିବାବେଳେ ରାଜସ୍ୱ ମନ୍ତ୍ରୀଙ୍କ ଲଗାମଛଡ଼ା ଦାୟିତ୍ୱହୀନ ମନ୍ତବ୍ୟ ନିନ୍ଦନୀୟ । ତୁରନ୍ତ ପର୍ଯ୍ୟାପ୍ତ ରିଲିଫ ୧ ମାସ ପର୍ଯ୍ୟନ୍ତ ଯୋଗାଇ ଦେବାକୁ ଅଖିଳ ଭାରତ କୃଷକ ସଭା ଦାବି କରୁଛି ।

ସାମ୍ପ୍ରତିକ ପରିସ୍ଥିତିରେ ଦରଦାମ୍ ବୃଦ୍ଧି, କୃଷି ଉପକରଣ, ବିହନ, ସାର, ଔଷଧ ଇତ୍ୟାଦି କୃଷି ସମ୍ବନ୍ଧୀୟ ସମସ୍ତ ବସ୍ତୁର ବଜାର ଦର ସହ ପ୍ରତିବର୍ଷ ଶ୍ରମ ବିଭାଗ କୃଷି ଶ୍ରମିକଙ୍କ ମଜୁରୀ ନିର୍ଦ୍ଧାରଣକୁ ଗୁରୁତ୍ୱ ନ ଦେବା ଫଳରେ କୃଷି କ୍ଷେତ୍ରରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ଆକଳନ ହୋଇପାରୁ ନାହିଁ । ଏଣୁ ଏସବୁର ଠିକ୍ ଆକଳନ ପାଇଁ ରାଜ୍ୟରେ ପଞ୍ଜୀକୃତ ଜାତୀୟ ଓ ରାଜ୍ୟ କୃଷକ ସଙ୍ଗଠନଗୁଡ଼ିକର କର୍ମକର୍ତ୍ତାଙ୍କୁ ନେଇ ରାଜ୍ୟ ସରକାର ତୁରନ୍ତ ଏକ ଦ୍ୱିପାକ୍ଷିକ ବୈଠକ ଡାକି ବର୍ତ୍ତମାନର ରିଲିଫ କୋର୍ଡରେ ବାସ୍ତବତାକୁ ଆଖିରେ ରଖି ତୁରନ୍ତ ପରିବର୍ତ୍ତନ କରି ଚଳିତ ବନ୍ୟା ପରିସ୍ଥିତି ସହ ଆଗାମୀଦିନରେ ହେବାକୁ ଥିବା ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀଙ୍କୁ ସଠିକ କ୍ଷତିପୂରଣ ପ୍ରଦାନ ପାଇଁ ଅଖିଳ ଭାରତ କୃଷକ ସଭା ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ କ୍ଷୀରୋଦ ସିଂହଦେଓ ଦାବି କରିଛନ୍ତି ।

# ରାଜରାସ୍ତାରେ ହଜାର ହଜାର ଅଧ୍ୟାପକ, ଶିକ୍ଷକ ଓ ଶିକ୍ଷାକର୍ମଚାରୀ, ସରକାର ତୁରନ୍ତ ସମସ୍ୟା ସମାଧାନ କରନ୍ତୁ : ସମନ୍ୱୟ ସମିତି



ଭୁବନେଶ୍ୱର,୨୦/୮ :ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଆଜି ଚତୁର୍ଥ ଦିବସରେ ଉପନୀତ । ତୁହାକୁ ତୁହା ବର୍ଷା, ବିଜୁଳି, ଘଡ଼ଘଡ଼ି ଓ ଥଣ୍ଡା ପବନକୁ ଖାତିର ନକରି ରାଜଧାନୀର ରାଜରାସ୍ତାରେ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ନିଜର ହକ୍ ପାଇଁ ଦିନ ରାତି ପଡ଼ିରହିଛନ୍ତି । ସରକାର ତୁରନ୍ତ ସମସ୍ୟା ସମାଧାନ କରନ୍ତୁ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । ଶ୍ରୀ ଦାଶ ଆହୁରି ମଧ୍ୟ କହିଛନ୍ତି ସରକାର ବାରମ୍ବାର ସ୍ଥାୟୀ ସମାଧାନ କଥା କହୁଥିଲେ ମଧ୍ୟ ତାହା କେବଳ କଥାରେ ରହିଛି । ସମାନ କଥା ପାଇଁ ଶିକ୍ଷକ କର୍ମଚାରୀମାନଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଆସିବାକୁ ପଡୁଛି ।

ସୂଚନାଥାଉକି, ଆଜକୁ ୩୦ ବର୍ଷ ଧରି ଅନୁଦାନ ଯୋଗ୍ୟ ସ୍କୁଲ କଲେଜ ଗୁଡ଼ିକରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନେ ମାଗଣାରେ ଖଟୁଛନ୍ତି ଏବଂ ଅନୁଦାନରୁ ବଞ୍ଚିତ ହୋଇ ରହିଛନ୍ତି । ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରୁ ବିନା ପେନସନ୍‌ରେ ଶୂନ୍ୟ ହସ୍ତରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଉଛନ୍ତି । ୩୦-୩୫ ବର୍ଷ ଧରି ଶିକ୍ଷାଦାନ କଲାପରେ ଶିକ୍ଷକ କର୍ମଚାରୀଟିଏ ରିକ୍ତହସ୍ତରେ ଘରକୁ ଫେରୁଛି । ସେମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ହୋଇଆସୁଛି । ସରକାର ମଧ୍ୟ ବାରମ୍ବାର ଏହା କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ କରୁ ନାହାନ୍ତି । ଧୀରେ ଧୀରେ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜଗୁଡ଼ିକ ଶିକ୍ଷକ ଶୂନ୍ୟ ହେଲାଣି । ଏହି ବିଦ୍ୟାଳୟରେ ନିଯୁକ୍ତି ନହେଲେ ଏଗୁଡ଼ିକ ବନ୍ଦ ହୋଇଯିବ । ଏକଥା ସରକାରଙ୍କୁ ବହୁବାର ଅବଗତ କରାଯାଇଛି । ତଥାପି ସରକାର କମିଟି ନାମରେ ନୀରବ ରହିବା ସମସ୍ତଙ୍କୁ ବିସ୍ମିତ କରୁଛି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଏଥିସହିତ ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ କରିବା, ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଯୁକ୍ତି, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡ଼ପେରେ ଥିବା ଅସଙ୍ଗତି ଦୂରକରିବା, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ନୋସନାଲ୍ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ କରିବା ଏବଂ ରାଜ୍ୟର ବେସରକାରୀ ଓ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଇତ୍ୟାଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ ହୋଇ ଆସୁଛି । ଏହିପରି ଅନେକ ସମସ୍ୟା ସମ୍ପର୍କରେ ସମନ୍ୱୟ ସମିତି ତରଫରୁ ବହୁବାର ଆଲୋଚନା କରାଗଲେ ମଧ୍ୟ ତା'ର କୌଣସି ସୁଫଳ ମିଳୁ ନାହିଁ ।

ଆଜିର ସାଧାରଣ ସଭାରେ ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଅମୀୟ କୁମାର ମହାନ୍ତି, ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଏବଂ ସି.ପି.ଆଇ. ନେତୃତ୍ୱ କ୍ଷୀରୋଦ ଚନ୍ଦ୍ର ରାୟ ଯୋଗଦେଇ ଶିକ୍ଷକ ମାନଙ୍କର ଦାବି ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । ସରକାର ଆପେଣେଇ ଚାଲିଥିବା କାଳକ୍ଷେପଣ ନୀତି ବିରୁଦ୍ଧରେ ଏହି ଆନ୍ଦୋଳନ ଚାଲୁ ରହିଛି । ଆଉ ସରକାର ଯଦି ହେୟ ମନେକରି ଶିକ୍ଷକମାନଙ୍କର ଦାବିଗୁଡ଼ିକ ପ୍ରତି ଅଣଦେଖା କରନ୍ତି ଓ ସମସ୍ୟାର ସ୍ଥାୟୀ ସମାଧାନ ନକରି ସାମାଜିକ ଅପରାଧ କରି ଚାଲନ୍ତି ତେବେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ ବୋଲି ସମନ୍ୱୟ ସମିତିର ନେତୃମଣ୍ଡଳୀ ସର୍ବଶ୍ରୀ ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ଘରୋଇ ହିଂସା ଏବଂ ଯୌତୁକ ନିରୋଧ ଆଇନ ଉପରେ ରାଜ୍ୟସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

# "ଅଧିକାର ବାବଦରେ ସଚେତନତା ହିଁ ମହିଳା ସଶକ୍ତୀକରଣର ମୂଳଦୁଆ:" ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଭୁବନେଶ୍ୱର,୨୦/୮ : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ 'ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫' (PWDVA) ଏବଂ ଯୌତୁକ ନିରୋଧ ଆଇନ, ୧୯୬୧' ବିଷୟରେ ରାଜ୍ୟସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଭୁବନେଶ୍ୱରସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦରସ୍ୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ ଏବଂ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଉପ-ଜିଲ୍ଲାପାଳ, ସୁରକ୍ଷା ଅଧିକାରୀ (ପ୍ରୋଟେକ୍ସନ୍ ଅଫିସର), ପୋଲିସ ଅଧିକାରୀ, ୱାନ୍ ଷ୍ଟପ୍ ସେଣ୍ଟର୍ (OSC) ଓ ଶକ୍ତି ସଦନର କାର୍ଯ୍ୟକର୍ତ୍ତା, ଜିଲ୍ଲା ଆଇନସେବା ପ୍ରାଧିକରଣ (DLSA)ର ପ୍ରତିନିଧି ଏବଂ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ର (ଡବ୍ଲ୍ୟୁଇଉସି)ର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଆଇନଗତ ପ୍ରାବଧାନ, ବିଭିନ୍ନ ଅଂଶୀଦାରଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ, ଏବଂ ଘରୋଇ ହିଂସା ଓ ଯୌତୁକଜନିତ ଅପରାଧ କ୍ଷେତ୍ରରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା ।

ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମହିଳା ଓ ବାଳିକାମାନଙ୍କ ସୁରକ୍ଷା, ସମ୍ମାନ ଏବଂ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଯେତେବେଳେ ମହିଳାମାନେ ନିଜର ଅଧିକାର ବିଷୟରେ ସଚେତନ ହେବେ, ସେତେବେଳେ ସେମାନେ ସଶକ୍ତ ହୋଇପାରିବେ । ହିଂସା, ଭେଦଭାବ ଏବଂ ଯୌତୁକ ସମ୍ବନ୍ଧୀୟ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆଇନଗତ ଅଧିକାର ଏବଂ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ ।

ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଏକ 'ଯୌତୁକମୁକ୍ତ ଓଡ଼ିଶା' ଏବଂ 'ଘରୋଇ ହିଂସାମୁକ୍ତ ଘର' ଗଠନ କରିବା ସରକାରଙ୍କ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେବଳ କଠୋର ଆଇନ ନୁହେଁ, ବରଂ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା, ତୃଣମୂଳ ସ୍ତରରେ ସଚେତନତା ଏବଂ ସମସ୍ତ ଅଂଶୀଦାରଙ୍କ ମିଳିତ ସହଯୋଗ ଆବଶ୍ୟକ ।

ଘରୋଇ ହିଂସା କିମ୍ବା ଯୌତୁକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ଯେପରି ସମୟସୀମା ମଧ୍ୟରେ ସୁରକ୍ଷା, ଆଇନଗତ ସହାୟତା, ପରାମର୍ଶ ଏବଂ ଅନ୍ୟାନ୍ୟ ପ୍ରସଙ୍ଗିକ ସହାୟତା ମିଳିପାରିବ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀ ଓ ପ୍ରତ୍ୟକ୍ଷ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ କରିଛନ୍ତି ।

# ହୀରାକୁଦ ଅଞ୍ଚଳରେ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ, ମୁଖ୍ୟ ଶାସନ ସଚିବଙ୍କ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା



ଭୁବନେଶ୍ୱର,୨୦/୮ : ପ୍ରକୃତି, ସଂସ୍କୃତି ଓ ସାହସିକ ପର୍ଯ୍ୟଟନର ସମନ୍ୱୟରେ ହୀରାକୁଦକୁ ଏକ ସ୍ଥାୟୀ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ହୀରାକୁଦ ଅଞ୍ଚଳର ସମନ୍ୱିତ ବିକାଶ ଯୋଜନାରେ ପର୍ଯ୍ୟଟନ, ଯୋଗାଯୋଗ, ଐତିହ୍ୟ, ପରିବେଶ, ଜଳ ପର୍ଯ୍ୟଟନ ଓ ସ୍ଥାନୀୟ ଜୀବିକାକୁ ଏକାଠି କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ଲୋକସେବା ଭବନରେ ହୀରାକୁଦ ଅଞ୍ଚଳରେ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଶ୍ରୀ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂହ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଶ୍ରୀ ବିଜୟ କେତନ ଉପାଧ୍ୟାୟଏବଂ ଓଡ଼ିଶା ସେତୁ ନିର୍ମାଣ ନିଗମ( ଓବିସିସି) ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହାଙ୍କ ସମେତ ସମ୍ପୃକ୍ତ ବିଭାଗ ଓ ସଂସ୍ଥାର ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ରୂପାୟନ ଓ ସମନ୍ୱୟ ସମ୍ପର୍କିତ ଆଲୋଚନା କରିଥିଲେ । ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧ ?ଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ପର୍ଯ୍ୟଟନ ବିଭାଗ ସଚିବ ପ୍ରକଳ୍ପ ଅଗ୍ରଗତି ନେଇ ସବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

ଏହି ସମନ୍ୱିତ ପ୍ରକଳ୍ପରେ ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ୍, ଆରାଇଭାଲ୍ ପ୍ଲାଜା, ଲାଇଟ୍ ଆଣ୍ଡ ଲେଜର୍ ସିମ୍ଫୋନୀ, ରୋପୱେ, କ୍ରୁଜ୍ ଟର୍ମିନାଲ୍, ଫ୍ଲୋଟେଲ୍, ମହାନଦୀ ଦ୍ୱୀପ ପ୍ରକୃତି ଉଦ୍ୟାନ, ଜୱାହର ଉଦ୍ୟାନର ପୁନର୍ବିକାଶ ଏବଂ ବୁର୍ଲା-ହୀରାକୁଦ ଆଇକନିକ୍ ବ୍ରିଜ୍ ଭଳି ପ୍ରକଳ୍ପ ଏହି ଯୋଜନାର ମୁଖ୍ୟ ଅଂଶ ରହିଛି । ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ୍ ଓ ଆରାଇଭାଲ୍ ପ୍ଲାଜାର ନିର୍ମାଣ କାର୍ଯ୍ୟ ଜାରି ରହିଛି ।

ଏଥି ସହିତ ମା' ସମଲେଶ୍ୱରୀ ମନ୍ଦିର ବିକାଶ ଦ୍ୱିତୀୟ ପର୍ଯ୍ୟାୟ, ହୁମା ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ଓ ପାୱାର୍ ଚ୍ୟାନେଲ୍ ପ୍ରୋମେନାଡ୍ ଭଳି ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ପର୍ଯ୍ୟଟନ ଭିତ୍ତିଭୂମି ସହ ହୀରାକୁଦ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାମଧ୍ୟ ଏହି ପ୍ରକଳ୍ପ ମାଧ୍ୟମରେ ସୁଦୃଢ଼ ହେବ । ଜମାଦାରପଲ୍ଲୀ ଏୟାରଷ୍ଟ୍ରିପ୍ ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିଛି ।

ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନର ସମନ୍ୱିତ ବିକାଶ, ମହାନଦୀ ଓ ପାୱାର୍ ଚ୍ୟାନେଲ୍ ୱାଟରଫ୍ରଣ୍ଟ ବିକାଶ, ଡେବ୍ରିଗଡ଼ ଅଭୟାରଣ୍ୟ, ବୁଣାକାର ଗ୍ରାମ, ମାଇନିଂ ମ୍ୟୁଜିୟମ୍ ଓ ଅଣ୍ଡରଗ୍ରାଉଣ୍ଡ ମାଇନ୍ ଏକ୍ସପିରିଏନ୍ସ ସେଣ୍ଟର୍ ଭଳି ପ୍ରକଳ୍ପ ମାଧ୍ୟମରେ ଅଞ୍ଚଳର ପ୍ରାକୃତିକ, ଐତିହ୍ୟ ଓ ସାଂସ୍କୃତିକ ସମ୍ପଦକୁ ପର୍ଯ୍ୟଟନ ସହ ଯୋଡ଼ାଯାଉଛି । ଏହି ସମନ୍ୱିତ ବିକାଶ ପ୍ରକ୍ରିୟାରେ ବିଭିନ୍ନ ବିଭାଗ ଓ ସଂସ୍ଥାର ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ହୀରାକୁଦକୁ କେବଳ ଡ୍ୟାମ୍ ପର୍ଯ୍ୟଟନରେ ସୀମିତ ନରଖି ପ୍ରକୃତି, ଜଳ, ସାହସିକ, ଐତିହ୍ୟ, ସଂସ୍କୃତି ଓ ଶିଳ୍ପ ପର୍ଯ୍ୟଟନର ଏକ ବହୁମୁଖୀ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati